Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:265✦21 January 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୬୫✦୨୧ ଜାନୁଆରୀ ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବିଜେପିରେ ନୀତିନ ଯୁଗ ଆରମ୍ଭ : ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦/୧ : ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ନୀତିନ ନବୀନ । କାର୍ଯ୍ୟକାରୀ ସଭାପତିରୁ ସେ ପୂର୍ଣ୍ଣକାଳୀନ ସଭାପତି ହୋଇଛନ୍ତି । ଗତକାଲି ନିର୍ବାଚନ ପ୍ରକ୍ରିୟା ପରେ ଆଜି ନୀତିନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ନୂଆଦିଲ୍ଲୀରେ ଥିବା ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ବିଜେପି ଶାସିତ ରାଜ୍ୟର ସଭାପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ମାନେ ଉପସ୍ଥିତ ରହି ନୂଆ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ବିଜେପି ମୁଖ୍ୟାଳୟରେ ଆୟୋଜିତ ଏକ ସମାରୋହରେ ନୀତିନଙ୍କ ନାମ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି, ଏବଂ ଆନୁଷ୍ଠାନିକ ଭାବେ ପଦବୀ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ପ୍ରମୁଖ ନେତା ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ । କେନ୍ଦ୍ରୀ ନଡ୍ଡା ନୂତନ ଦଳର ସଭାପତି ନୀତିନ ନବୀନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିର ଜାତୀୟ ସଭାପତି ଭାବରେ ନୀତିନ ନବୀନ ଦାୟିତ୍ୱ ନେବାର ଆଜି ଏକ ଐତିହାସିକ ଅବସର । ଲକ୍ଷ ଲକ୍ଷ ବିଜେପି କର୍ମୀଙ୍କ ପକ୍ଷରୁ ସେ ତାଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଇଛନ୍ତି ।ନୀତିନ ନବୀନଙ୍କୁ ଗୃହ ମନ୍ତ୍ରଣାଳୟ ଦ୍ୱାରା ଜେଡ୍ କାଟେଗରି ସୁରକ୍ଷା ପ୍ରଦାନ କରାଯାଇଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଗ୍ରହଣ କରିବା ପୂର୍ବରୁ, ନୀତିନ ନବୀନ ଆଜି ସକାଳେ ମନ୍ଦିର ଏବଂ ଗୁରୁଦ୍ୱାରରେ ପ୍ରାର୍ଥନା କରିବା ସହ ଆଶୀର୍ବାଦ ଲୋଡ଼ିଥିଲେ । ନୀତିନ ନବୀନ ପ୍ରଥମେ ସକାଳ ୮ଟାରେ ଦିଲ୍ଲୀର ଶଣ୍ଡେଷ୍ଠାଲାନ ମନ୍ଦିର ପରିଦର୍ଶନ କରିଥିଲେ, ଏବଂ ତା'ପରେ ଆଶୀର୍ବାଦ ଲୋଡ଼ିବା ପାଇଁ ବାଲ୍ମିକି ମନ୍ଦିର ଯାଇଥିଲେ । ମନ୍ଦିର ପରିଦର୍ଶନ କରିବା ପରେ, ସେ ଜନତ୍ ସ୍ପେସର ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ତା'ପରେ ପ୍ରାର୍ଥନା କରିବାକୁ ବଙ୍ଗଳା ସାହିବ ଗୁରୁଦ୍ୱାର ଯାଇଥିଲେ । ନିର୍ବାଚନ ଅଧିକାରୀ ଲକ୍ଷ୍ମଣ କହିଛନ୍ତି ଯେ ନୀତିନ ନବୀନଙ୍କୁ ପ୍ରଥମେ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା ଏବଂ ଗତକାଲି ଜାତୀୟ ସଭାପତି ପଦ ପାଇଁ ସେ ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ ।

ପୁଣି ଧମକ ଦେଲେ ଟ୍ରମ୍ପ :

ଶାନ୍ତି ବୋର୍ଡରେ ଯୋଗ ନ ଦେଲେ ଲାଗିବ ୨୦୦% ଶୁଳ୍କ

ୱାଶିଂଟନ,୨୦/୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ଫ୍ରାନ୍ସ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛି । ଏହା ପରେ ଆମେରିକା ଟ୍ରମ୍ପ ଫ୍ରାନ୍ସକୁ ନାଲି ଆଖି ଦେଖାଇଛନ୍ତି । ଫ୍ରାନ୍ସର ମଦ ଓ ସାମ୍ପେନ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି । ଟ୍ରମ୍ପ ବୁଧବାସିଆଲ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ମଧ୍ୟ ସେୟାର କରିଛନ୍ତି । ଯେଉଁଥିରେ ଗ୍ରିନ୍‌ଲାଣ୍ଡ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଶାନ୍ତି ବୋର୍ଡ ମୂଳତଃ ଯୁଦ୍ଧବିଧ୍ୱସ୍ତ ଗାଜା ଷ୍ଟ୍ରିପର ପୁନଃନିର୍ମାଣ ପାଇଁ ସୃଷ୍ଟି କରାଯାଇଛି । କିନ୍ତୁ ଏହାର ଚାର୍ଟର ଆଉ କେବଳ ଗାଜା ପର୍ଯ୍ୟନ୍ତ ସୀମିତ ମନେ ହେଉନାହିଁ । ଟ୍ରମ୍ପ ଏହାକୁ ବିଶ୍ୱ ଶାନ୍ତି ପାଇଁ ଏକ ବୃହତ ମଞ୍ଚ ଭାବରେ ଗଢ଼ି ତୋଳିଛନ୍ତି । ଟ୍ରମ୍ପ ଫ୍ରାନ୍ସ ଉଦ୍ଦେଶ୍ୟରେ କହିଛନ୍ତି, ମୁଁ ସେମାନଙ୍କ ମଦ ଓ ସାମ୍ପେନ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବି । ଯଦି ସେମାନେ ଯୋଗଦେବେ । ମତେ ଆଉ ଏହା କରିବାକୁ ପଡ଼ିବ ନାହିଁ ବୋଲି ଟ୍ରମ୍ପ ସାମାଜିକମାନଙ୍କୁ କହିଛନ୍ତି । ଏଭଳି କହି ସେ ମାକ୍ରୋନଙ୍କୁ ଗାଜା ବୋର୍ଡରେ ସାମିଲ ହେବାକୁ ବାଧ୍ୟ କରିଛନ୍ତି । ଟ୍ରମ୍ପ ବୁଧବାସିଆଲ୍‌ରେ ମାକ୍ରୋନ୍‌ଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି । ମାକ୍ରୋନ୍ ଲେଖିଛନ୍ତି ଯେ, ବୁଢ଼ା ନେତା ଇଲାନ୍ ଓ ସିରିଆ ପ୍ରସଙ୍ଗରେ ସହମତ, କିନ୍ତୁ ମୁଁ କୁଝିପାରୁନାହିଁ ଟ୍ରମ୍ପ ଗ୍ରିନ୍‌ଲାଣ୍ଡରେ କ'ଣ କରୁଛନ୍ତି । ବାର୍ତ୍ତାରେ,ମାକ୍ରନ୍ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ୍ ଅବସରରେ ଟ୍ରମ୍ପଙ୍କୁ ଭେଟିବାକୁ ପ୍ରସ୍ତାବ ଦେଇଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ସେ ଗୁରୁବାର ଟ୍ରମ୍ପଙ୍କୁ ରାଜ୍ୟାଭୋଜନ ପାଇଁ ନେଇପାରନ୍ତି ଏହା ସହିତ ଅନ୍ୟ ଜି-୭ ନେତା, ୟୁକ୍ରେନ, ଡେନମାର୍କ, ସିରିଆ ଓ ରୁଷର ପ୍ରତିନିଧିମାନଙ୍କୁ ମଧ୍ୟ ମାର୍କ୍ରନ ନିମନ୍ତ୍ରଣ କରିଥିଲେ ।

ନବୀନ ନିବାସରେ ବଡ ବୈଠକ

ଭୁବନେଶ୍ୱର,୨୦/୧(ନି/ପ୍ର): ବିଜେଡିରେ ପୁଣି ହଲଚଲ । କାରଣ ନବୀନ ନିବାସରେ ଦଳର ବଡ ବୈଠକ ବସିଛି । ଏହି ବୈଠକରେ ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନାଙ୍କ ସମେତ ବରିଷ୍ଠ ନେତା ଉପସ୍ଥିତ ରହିଛନ୍ତି । ନିକଟରେ ଦଳ ଦୁଇ ଜଣ ସିଟିଂ ବିଧାୟକଙ୍କୁ ନିଲମ୍ବନ କରିବା ପରେ ଦଳରେ କମ୍ପନ ସୃଷ୍ଟି ହୋଇଥିଲା । ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାଳୁଙ୍କୁ ନିଲମ୍ବନ କରାଯିବା ପରେ ଆଜି ନବୀନ ନିବାସରେ ଏହି ବଡ ବୈଠକ ଅନୁଷ୍ଠିତ ହୋଇଛି । ସେସବୁ ବୈଠକ ପରେ ପ୍ରୀତିରଞ୍ଜନ ଘଡାଇ ବିଦ୍ରୋହର ବୟାନ ଦେଇଛନ୍ତି । ଯେ କହିଛନ୍ତି ଯାଜପୁରରେ ବଡ ନେତା ହେଲେ ଜନତା, ଉପଯୁକ୍ତ ଦାୟିତ୍ୱ ନେବା ସମୟ ଆସିଛି । ନୂଆ ନେତୃତ୍ୱ ଚାହୁଁଛନ୍ତି ଜନତା, ନତେତ ପଂଚାୟତ ନିର୍ବାଚନରେ ପ୍ରଭାବ ପଡିବ । ଗଣତନ୍ତ୍ରରେ ଜନସାଧାରଣ ହେଲେ ଆମ ମାଲିକ, ଭୋଟର ଆମ ଭଗବାନ । ଭୋଟରଙ୍କୁ ସମ୍ମାନ ଦେବ ତାଙ୍କ ଆଶା ନେଇ କାମ କରିବାକୁ ପଡିବ । ଯେଉଁମାନେ ନିଜକୁ ବାସ କରୁଥିଲେ, ସେମାନେ ଭୋଟରଙ୍କ ପାଖରେ କାଗଜ ବାଘ ହୋଇଛନ୍ତି ।

ଫ୍ରାନ୍ସ-ଆମେରିକା ମୁହାଁମୁହିଁ

ନୂଆଦିଲ୍ଲୀ,୨୦/୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥାରେ ଯିଏ ରାଜି ନହେଲା ଟ୍ରମ୍ପ ତାଙ୍କ ବିରୁଦ୍ଧରେ ଟାରିଫସ୍ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି । ଆଉ ଏବେ ଏହି ଅସ୍ତ୍ରର ଶିକାର ହୋଇଛି ଫ୍ରାନ୍ସ । ଫ୍ରାନ୍ସର ଆସୁଥିବା ମଦ ଓ ସାମ୍ପେନ ଉପରେ ୨୦୦% ଶୁଳ୍କ ଲଗାଇବାକୁ ଶପଥ ନେଇଛନ୍ତି ଆମେରିକା ରାଷ୍ଟ୍ରପତି । ଆମେରିକା ନେତୃତ୍ୱାଧୀନ ବୋର୍ଡ ଅଫ୍ ପିସ୍ (ଶାନ୍ତି ବୋର୍ଡ)ରେ ଯୋଗ ଦେବାକୁ ଫ୍ରେଂଚ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମନା କରିଦେବାରୁ ଟ୍ରମ୍ପ ଏହି ଘୋଷଣା କରିଛନ୍ତି । ୱାଶିଂଟନ ନେତୃତ୍ୱାଧୀନ ଶାନ୍ତି ବୋର୍ଡର ଗଠନ ଗାଜାରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ପଦକ୍ଷେପ ବୋଲି ଆମେରିକା କହୁଛି ।

ପ୍ରତିବାଦକାରୀଙ୍କୁ ୭୨ ଘଟାର ଆତ୍ମସମର୍ପଣ ଅଲଟିମେଟମ୍ ଦେଲା ଇରାନ :

ନହେଲେ କଠୋର ଦଣ୍ଡ

ତେହେରାନ,୨୦/୧ : ଇରାନର ଜାତୀୟ ସୁରକ୍ଷା ମୁଖ୍ୟ ଦେଶରେ ହିଂସା ଘଟଣାରେ ସମ୍ପୃକ୍ତ ପ୍ରଦର୍ଶନକାରୀଙ୍କୁ ଏକ କଠୋର ଆଲଟିମେଟମ୍ ଜାରି କରିଛନ୍ତି । ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ଧମକ ଦେଇଛନ୍ତି । ନତେତ୍ କଠୋର ଦଣ୍ଡାଦେଶ କରାଯିବ । ଏଥି ପାଇଁ ତିନି ଦିନ ସମୟ ଦିଆଯାଇଛି ବୋଲି ଚେତାବନୀ ଦେଇଛନ୍ତି । ଜାତୀୟ ସୁରକ୍ଷା ମୁଖ୍ୟ ଅଫାନଦ-ରେଜା ରାଦାନ କହିଛନ୍ତି, ଯେଉଁମାନେ ପ୍ରତିବାଦରେ ଅଂଶଗ୍ରହଣ କରିଛନ୍ତି ସେମାନଙ୍କୁ ୭୨ ଘଣ୍ଟା ମଧ୍ୟରେ ଆତ୍ମସମର୍ପଣ କରିବାକୁ ପଡିବ ନତେତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଦର୍ଶନ କରାନର ନେତୃତ୍ୱ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ୧୧ ଦିନ ଧରି ଦେଶରେ ଇଣ୍ଟରନେଟ୍ ବନ୍ଦ ରହିଛି । ତେଣୁ ହିଂସାର ପ୍ରକୃତ ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ମାନବାଧିକାର ଗୋଷ୍ଠୀଗୁଡ଼ିକ କହିଛନ୍ତି, କର୍ତ୍ତୃପକ୍ଷ ସ୍ୱୀକାର କରୁଥିବା କାର୍ଯ୍ୟାନୁଷ୍ଠାନ ଅପେକ୍ଷା ଅଧିକ ମାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି । ହିଂସା ସମୟରେ ଅତି କମରେ ୫,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି । ତେବେ ମୃତକଙ୍କ ସଂଖ୍ୟାରେ କୌଣସି ସଠିକ ତଥ୍ୟ ମିଳି ପାରିନାହିଁ । ବିଭିନ୍ନ ମୃତକ ସଂଖ୍ୟା ରିପୋର୍ଟରେ ଭିନ୍ନ ତାରତମ୍ୟ ରହୁନାହିଁ । ଜାତୀୟ ସୁରକ୍ଷା ମୁଖ୍ୟ କହିଛନ୍ତି ପ୍ରତିବାଦକାରୀମାନଙ୍କୁ ଉସୁକାଇ ହିଂସାକାଣ୍ଡ ଭିଆଇ ଯାଇଛି । ସମୟସୀମା ମଧ୍ୟରେ ଆତ୍ମସମର୍ପଣ କଲେ ସେମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯିବ । ଇରାନ ଅଧିକାରୀମାନେ ଦାବି କରିଛନ୍ତି, ବିରୋଧ ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ଭାବରେ ଆରମ୍ଭ ହୋଇଥିଲା । ତେବେ ପରେ ଏହା ଆମେରିକା ଓ ଇସ୍ରାଏଲ ସମେତ ବିଦେଶୀ ଶତ୍ରୁମାନଙ୍କ ଦ୍ୱାରା ପ୍ରୋତ୍ସାହିତ ହିଂସାରେ ପରିଣତ ହୋଇଥିଲା । ରିପୋର୍ଟ ଅନୁଯାୟୀ, ଇରାନର କାର୍ଯ୍ୟନିର୍ବାହୀ, ବିଧାନସଭା ଓ ନ୍ୟାୟିକ ଶାଖାର ବରିଷ୍ଠ ଅଧିକାରୀମାନେ ଏକ ମିଳିତ ବିବୃତି ଜାରି କରି କହିଛନ୍ତି ହିଂସା ଯୋଗୁ ହୋଇଥିବା ଆର୍ଥିକ କ୍ଷତିର ଭରଣା ପାଇଁ ଦିନରାତି କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ରାଷ୍ଟ୍ରପତି ମାସୁଦ ପେଜେଶ୍କିୟାନ, ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଓ ନ୍ୟାୟପାଳିକା ମୁଖ୍ୟ ଘୋଲାମହୋସେନ ମୋହସେନି ଏଜେଇଙ୍କ ସ୍ୱାକ୍ଷରିତ ବିବୃତିରେ କୁହାଯାଇଛି, ଆତଙ୍କବାଦୀ ଘଟଣା ପାଇଁ ଦାୟୀ ଲୋକଙ୍କୁ କଠୋର ଦଣ୍ଡ ମିଳିବ । ପ୍ରଦର୍ଶନକାରୀଙ୍କୁ ସମ୍ମାନ୍ୟ ମୃତ୍ୟୁଦଣ୍ଡ ନେଇ ମଧ୍ୟ ଚିନ୍ତା ବୁଦ୍ଧି ପାଇଛି ।

ଏପ୍ରିଲରୁ ୧୬ରୁ ଓଡ଼ିଶାରେ ଜନଗଣନା

ରାଜସ୍ୱ ବିଭାଗର ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୨୦/୧(ନି/ପ୍ର): ଏପ୍ରିଲରୁ ୧୬ରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା । ଏପ୍ରିଲ ୧୬ ରୁ ମେ ୧୫ ଯାଏଁ ଚାଲିବ ଜନଗଣନା । ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ । ଏନେଇ ଜନଗଣନା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରକାଶ ପାଇଛି ବିଜ୍ଞପ୍ତି । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା । ଏନେଇ ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ । ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଜନ୍ମନ କମିଶନର । ତେବେ ଏନେଇ ଲୋକସେବା ଭବନରେ ଜନ୍ମନ କମିଶନଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ଚାରିଖ ଧର୍ଯ୍ୟ ହୋଇଥିଲା । ରାଜ୍ୟରେ ଜନଗଣନା ପାଇଁ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା । ଭୁବନେଶ୍ୱର ଜଟକରେ ସ୍ତ୍ରୀ ଟେଷ୍ଟ ସରିଛି । ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଦିଆଯିବ ତ୍ରେନିଂ । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବାକୁ ଥିବା ବେଳେ ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ । ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ କରାଯିବ । ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ । ଏପ୍ରିଲରୁ ୧୬ରୁ ମେ ୧୫ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ । ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ ବୋଲି ସୂଚନା ମିଳିଛି ।

ପାଳଗଦା ନିଆଁରେ ନବବଧୂ ଜୀବନ୍ତଦଗ୍ଧ

ଜଗତସିଂହପୁର,୨୦/୧(ନି/ପ୍ର): ଭୂତପୁଷ୍ପାଳ ପଂଚାୟତ ପିଙ୍କଳ ଗ୍ରାମରେ ଅଜାବନୀୟ ଘଟଣା । ନିଆଁରେ ପୋଡ଼ି ହୋଇ ଚାଲିଗଲା ନବବଧୂଙ୍କ ଜୀବନ । ଘରେ କେହି ନଥିବା ସମୟରେ ଘଟିଛି ଘଟଣା । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ କଲେ ଆୟତ୍ତ । ବେଢ଼ବର୍ଷ ତଳେ କୁଳଙ୍କ ଦୁଆଡିଆ ଗ୍ରାମର ରିନା କୁମାରୀ ବଦଳେ ପିଙ୍କଳ ଗ୍ରାମର ସ୍ମୃତି ରଞ୍ଜନ ସ୍ୱାଇଁଙ୍କୁ ବାହା ହୋଇଥିଲେ । ଆଜି ସକାଳୁ ସ୍ୱାମୀ ସ୍ମୃତି ରଞ୍ଜନ କାମ କରିବା ପାଇଁ ଘରୁ ବାହାରିଚାଲିଯାଇଥିବା ସମୟରେ ଶ୍ୱଶୁର ରୋଗାଗ୍ରସ୍ତ ଅବସ୍ଥାରେ ଘରେ ପଡି ରହିଥିଲେ । ଏଣେ ଶାଶୁ ଜଟକ ବଡ଼ ମେଢ଼ିକାଲଢ଼ୁ ଯାଇଥିଲେ । ତେବେ ଘର ଭିତରେ ଥିବା ଏକ ଛୋଟ ଚାଳଘରେ କୌଣସି କାରଣରୁ ନିଆଁଲାଗି ଯିବାରୁ ଘର ପାଖରେ ଥିବା ପାଳଗଦା ସହ ରିନା ପୋଡ଼ି ହୋଇ ଜୀବନ୍ତଦଗ୍ଧ ହୋଇ ଯାଇଛନ୍ତି ।

ଜାତୀୟ ସଙ୍ଗୀତକୁ ଅସମ୍ମାନ :

ବିଧାନସଭାରୁ ବାହାରି ଗଲେ ତାମିଲନାଡୁ ରାଜ୍ୟପାଳ

ଚେନ୍ନାଇ,୨୦/୧ : ତାମିଲନାଡୁ ସରକାର ଓ ରାଜ୍ୟପାଳ ଆର.ଏନ. ରବିଙ୍କ ମଧ୍ୟରେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି । ଆର.ଏନ. ରବି ବିଧାନସଭା ଅଧିବେଶନ ମଝିରୁ ଉଠି ଚାଲିଯାଇଛନ୍ତି । ତାମିଲ ରାଜ୍ୟ ସଙ୍ଗୀତ ପରେ ଜାତୀୟ ସଙ୍ଗୀତ ବଜାଇବାକୁ ସେ ଦାବି କରିଥିଲେ । ଏହି ଦାବିକୁ ବାଚସ୍ପତି ଆପାଦୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଫଳସ୍ୱରୂପ, ଆର.ଏନ. ରବି ଗୃହକୁ ସମ୍ବୋଧିତ ନକରି କାର୍ଯ୍ୟବାହୀ ବର୍ଜନ କରି ସୁରୁଖୁରା କରିଥିଲେ । ଏପରି କରି ତୃତୀୟ ଥର ପାଇଁ ରାଜ୍ୟପାଳ ଗୃହକୁ ବର୍ଜନ କରିଛନ୍ତି । ପୂର୍ବରୁ ସେ ୨୦୨୪ ଓ ୨୦୨୫ରେ ଭାଷଣ ନଦେଇ ଅଧିବେଶନ ବର୍ଜନ କରିଥିଲେ । ତାମିଲନାଡୁ ଲୋକଭବନ ପରିସ୍ଥିତି ବିଷୟରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛି । ଜାତୀୟ ସଙ୍ଗୀତକୁ ଉପଯୁକ୍ତ ସମ୍ମାନ ଦିଆଯାଉ ନଥିବାରୁ ମୁଁ ଗଭୀର ଦୁଃଖିତ । ଅଭିଭାଷଣ ବାଧାପ୍ରାପ୍ତ ହେବା ଦୁର୍ଭାଗ୍ୟଜନକ । ମୁଁ ମୋର ଦାୟିତ୍ୱ ବିଷୟରେ ଭଲଭାବରେ ଅବଗତ । କିନ୍ତୁ, ଜାତୀୟ ସଙ୍ଗୀତକୁ ଉପଯୁକ୍ତ ସମ୍ମାନ ଦିଆଯିବା ଉଚିତ ବୋଲି ରାଜ୍ୟପାଳ ଆର ଏନ ରବି ତାମିଲନାଡୁ ବିଧାନସଭାରେ କହିଛନ୍ତି । ରାଜ୍ୟପାଳଙ୍କ ଅଭିଯୋଗର କବାଦରେ ତାମିଲନାଡୁ ବାଚସ୍ପତି ଆପାଦୁ କହିଛନ୍ତି, ବିଧାନସଭାରେ କେବଳ ବିଧାୟକମାନେ ସେମାନଙ୍କର ମତାମତ ଦେଇପାରିବେ । ଅନ୍ୟ କେହି ସେମାନଙ୍କର ମତାମତ ଜୋର କବରଦସ୍ତ ଲାଦି ପାରିବେ ନାହିଁ । ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ସରକାର ପ୍ରସ୍ତୁତି କରିଥିଲେ । ରାଜ୍ୟପାଳ ଆର ଏନ ରବି କହିଛନ୍ତି, ମୋ ମାଇକ୍ରୋଫୋନ ବନ୍ଦ କରିଦିଆଯାଇଥିଲା ଓ ମୋତେ କହିବାକୁ ଦିଆଯାଇନଥିଲା । ଏହା ଯୋଗୁ ମୁଁ ଅପମାନିତ ଅନୁଭବ କରିଥିଲି । ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ କହିଛନ୍ତି, ରାଜ୍ୟପାଳଙ୍କ କାର୍ଯ୍ୟ ସଂବିଧାନ ୧୦୦ ବର୍ଷର ପୁରୁଣା ପରମ୍ପରାକୁ ଅବଜ୍ଞା ଓ ଅପମାନିତ କରିଛି । ଡିଏମକେ ପ୍ରତିଷ୍ଠାତା ସିଏନ ଆନ୍ନାଦୁରାଇ ଦେଇଥିବା ମନ୍ତବ୍ୟ 'ଛେଡ଼ିଦିବାକୁହିଁ ଆବଶ୍ୟକ କରେ, ରାଜ୍ୟ ପାଇଁ କାହିଁକି ରାଜ୍ୟପାଳ ଆବଶ୍ୟକକୁ ଷ୍ଟାଲିନ ବୋହରାଇଛନ୍ତି ।

୭୭ତମ ଗଣତନ୍ତ୍ର ଦିବସ :

ଆତଙ୍କବାଦୀଙ୍କ ଉପରେ କଡ଼ା ନଜର ରଖିବ ଏଆଇ ଚଷମା ଓ ହଜାରେ ଏଚ୍‌ଡି କ୍ୟାମେରା

ନୂଆଦିଲ୍ଲୀ,୨୦/୧:୨୦୨୬ ଗଣତନ୍ତ୍ର ଦିବସ ପାଳନ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନୂଆଦିଲ୍ଲୀ ଜିଲ୍ଲା ପୁଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ରାଜଧାନୀକୁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରିଛନ୍ତି । ଆତଙ୍କବାଦୀ ବିପରେ ଗୁପ୍ତ ସୂଚନା ମଧ୍ୟରେ, କର୍ତ୍ତବ୍ୟ ପଥରେ ଏକ ବହୁସ୍ତରୀୟ ସୁରକ୍ଷା ବଳୟ ନିର୍ମାଣ କରାଯାଇଛି । ସୁରକ୍ଷା କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ମୁତ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସଫଳତା

କେନ୍ଦୁଝର,୨୦/୧(ନି/ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଜାନୁଆରୀ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ନବ ସୃଜନ ଓ ନୂଆ ଉଦ୍ୟମ କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ଶ୍ରୀଲା ପ୍ରଧାନ ସଫଳତା ଲାଭ କରିଛନ୍ତି । ଏହି କୃତୀ ଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଭାବେ ବିଗ୍ ଦର୍ଶନ ଦେଇଛନ୍ତି କମ୍ପ୍ୟୁଟର ସାଇନ୍ସ ବିଭାଗର ଅଧ୍ୟାପିକା ଭାର୍ଗବୀ ମହାନ୍ତ ଏବଂ ଏହି ବିଜ୍ଞାନଭିତ୍ତିକ ପ୍ରକଳ୍ପକୁ ପ୍ରଦର୍ଶିତ କରିବା ପାଇଁ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ଙ୍କଯୋଜିକା ଡକ୍ଟର ପ୍ରୀତିମଞ୍ଜରି ମିଶ୍ର ସହଯୋଗ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଭଜ ପ୍ରଶଂସା କରିଛନ୍ତି । ଏହି ଉଦ୍ଦେଶ୍ୟରେ ଛାତ୍ରୀଙ୍କ ଉତରୋତର କାମନା କରି କହିଛନ୍ତି ଯେ ଆମ ମହାବିଦ୍ୟାଳୟର ତଥା କେନ୍ଦୁଝର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ଏ ସୁବ ବୈଜ୍ଞାନିକଙ୍କ ପାଇଁ । ଏହି ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଛାତ୍ରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିବା ସହ ଆଶୀର୍ବାଦ କରିଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବକଯୁବତୀଙ୍କ ନବ ଭାବନା, ସୃଜନଶୀଳତା ଓ ଉଦ୍ୟମକୁ ପ୍ରୋତ୍ସାହନ ଦେବା । ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀମାନେ କୃଷି, ସ୍ୱାସ୍ଥ୍ୟ, ପରିବେଶ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅପୂର୍ବ କୌଶଳ ଓ ସୃଷ୍ଟିରୋଚକତାର ସମ୍ବନ୍ଧୀୟ ନବ ନବ ବୁଦ୍ଧିମତା ପ୍ରଦର୍ଶନ କରିଥିଲେ । ତାଙ୍କର ନୂଆ ଚିନ୍ତାଧାରା ଓ ବ୍ୟାବହାରିକ ପ୍ରତିକଳ୍ପନା ନ୍ୟାୟାଧୀଶମଣ୍ଡଳୀଙ୍କୁ ବେଶ ପ୍ରଭାବିତ କରିଥିଲା । ବାସ୍ତବତାର କଥା ଏହା ଯେ ଶ୍ରେଷ୍ଠ ଦଶଗୋଟି ପ୍ରକଳ୍ପ ମଧ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶ୍ରୀଲା ପ୍ରଧାନଙ୍କୁ ଚୟନ କର୍ତ୍ତାମାନେ ଭୂୟସୀ ପ୍ରଶଂସା କରିଥିଲେ ଓ ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଓ ଆର୍ଥିକ ସହାୟତା ପୂର୍ବକ ୫ ଲକ୍ଷ ଟଙ୍କା ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ଦିଂଶୀ ସୁରଜ ପ୍ରଦାନ କରିଥିଲେ ଓ ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତି ପାଇଁ ଆଶୀର୍ବାଦ କରିବା ସହ ଆବଶ୍ୟକୀୟ ସରଞ୍ଜାମ ସରକାରଙ୍କ ପକ୍ଷରୁ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହା ପୂର୍ବରୁ ଧରଣୀଧର ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ୫ ଜଣ ଛାତ୍ରଛାତ୍ରୀଙ୍କ ଭିତରେ ମନୋନୀତ ହେବା ସହ ମାନପତ୍ର, ଉପଢୌକନ ଓ ଏକ ଲକ୍ଷ ଟଙ୍କା ସହାୟତା ରାଶି ମିଳିଥିଲା । ଏଥି ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜିତ ସଭାରେ ବକ୍ତାମାନେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଯୁବପିଢ଼ୀଙ୍କୁ ନିଜେ ଉଦ୍ୟମ ଆରମ୍ଭ କରିବାକୁ ପଡ଼ିବ ଓ ସେମାନେ ରାଜ୍ୟର ଅର୍ଥନୈତିକ ଉନ୍ନତିରେ ଏକ ଏକ ମୁଖ୍ୟ ଅବଦାନ ହୋଇ ଦାହାରିବେ । ଏହି ସଫଳତା ରାଜ୍ୟରେ ନବ ସୃଜନ ଓ ନୂଆ ଉଦ୍ୟମ ପାଇଁ ଏକ ନୂଆ ଦିଗ ଖୋଲିଦେଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି ।

ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ କେନ୍ଦୁଝରରେ ଭବ୍ୟ ସ୍ୱାଗତ

କେନ୍ଦୁଝର,୨୦/୧(ନି/ପ୍ର): ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ରଥ ଆସି କେନ୍ଦୁଝର ଜିଲ୍ଲାରେ ପହଂଚି ଥିଲା । ସଂକଳ୍ପ ଯାତ୍ରା ଜିଲ୍ଲା ସଂଯୋଜକ ମାନସ ପଣ୍ଡାଙ୍କ ତତ୍ୱାବଧାନରେ ଏହି ରଥକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଗତ କରାଯାଇଥିଲା । ରଥ ପହଂଚିବା ପରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଘୋଷ ବଜାଇ ଅଭିବାଦନ କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ମହିଳା ମାନେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରି ବିଦ୍ୟାମନ୍ଦିର ଭିତରକୁ ରଥକୁ ନେଇଥିଲେ । ସେଠାରେ ଜିଲ୍ଲା ସଂଘଚାଳକ ଭାଗିରଥି ପୃଷ୍ଟି ଉପସ୍ଥିତ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଉଦବୋଧନ ଦେବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ । କାର ?ଯ୍ୟକ୍ରମକୁ ସ୍ୱଦେଶୀ ଜାଗରଣ ମଂଚ କେନ୍ଦୁଝର ଶାଖା କାର୍ଯ୍ୟକର୍ତ୍ତା ସଞ୍ଜୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ, ସ୍ୱେଚ୍ଛାସେବୀ ବବିତା ରାମ, ପ୍ରମୋଦ ବାବୁ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ଭୂୟାଁ ପୁରା ବିଭାଗ ସଂଯୋଜକ, ରାଜେଶ ଦାସ , ପ୍ରାନ୍ତ ସଂଗଠକ, ଓଡ଼ିଶା ପୂର୍ବ, ହୃଷିକେଶ ପ୍ରଧାନ, ପୂର୍ଣ୍ଣଚାନ୍ଦ୍ର, ନୟାଗଡ଼ ଜିଲ୍ଲା ଧୀରେନ୍ଦ୍ର ସାହୁ, ମନୋଜ ଶତପଥୀ, ଭବାଗୀ ଶଙ୍କରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ । ପରେ ସ୍ୱଦେଶୀ ସଂକଳ୍ପ ରଥ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ବାହାରି ଯାଇଥିଲା ।

ପାଟଣା ପ୍ରେସ କ୍ଲବର ବାର୍ଷିକ ସମ୍ମିଳନୀ

କେନ୍ଦୁଝର,୨୦/୧(ନି/ପ୍ର): ପାଟଣା ପ୍ରେସ କ୍ଲବର ବାର୍ଷିକ ସମ୍ମିଳନୀ ଶୁକ୍ରବାର ଗୁରୁବିପଶି ସ୍ଥିତ ବିଚରଣୀ ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି କିଶୋର ଚନ୍ଦ୍ର ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସମ୍ପାଦକ ବିଜୟ ରତ୍ନ ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବୈଠକରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ କ୍ଲବକୁ କିପରି ଅଧିକ ସୁଦୃଢ କରି ପାଟଣା ଅଂଚଳର ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆସିପାରିବ ଓ ସାଧାରଣ ଜନତା କିପରି ଉପକୃତ ହୋଇ ପାରିବେ ସେ ବିଷୟରେ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ଆଲୋଚନା କରିଥିଲେ । ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଧୁମଧାମରେ ପାଳନ କରାଯିବା ପାଇଁ ନିଷ୍ପତି ହୋଇଥିଲା । ଶେଷରେ ଉପସଭାପତି ରଞ୍ଜନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବର ସହ ସମ୍ପାଦକ ଜାମିନୀ ଜାନ୍ତ ଦ୍ୱିବେଦୀ, କୋଷାଧକ୍ଷ ଚିରଞ୍ଜିବୀ ଦାଶ, କାର୍ଯ୍ୟାଳୟ ସମ୍ପାଦକ ବିଜୟ କୁମାର କାରୁଆ, ପ୍ରେସ କ୍ଲବ ଉପଦେଷ୍ଟା ଅଭିନମ୍ବୁ ରାଉତ, ପାର୍ଥସାରଥୀ ପାତ୍ର, ନିଶିକାନ୍ତ ବେହେରା, ରବିନ୍ଦ୍ର ପୃଷ୍ଟି, ଉଗ୍ରସେନ ପୃଷ୍ଟି,ଦଶରଥ ବାରିକ, ଜିତେନ୍ଦ୍ର କୁମାର ସେଠୀ ଓ ରତି ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ବିକଶିତ ଭାରତ ଗଠନର ଏକ ସଂକଳ୍ପ ଭିବି-ଜି ରାମଜି

କେନ୍ଦୁଝର,୨୦/୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ସଭାଗୃହରେ ଭିବି-ଜି ରାମଜି ବିକଶିତ ଭାରତ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବଚତଣା ତଥା ଭିବି- ଜିରାମ ଜି ର ରାଜ୍ୟ ଟୋଲା ର ସଦସ୍ୟ ଅମର ନାୟକ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ବିକଶିତ ଭାରତ ଭିବି-ଜିରାମ ଜି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଉକ୍ତକାର୍ଯ୍ୟକ୍ରମକ ଉଦ୍ଦେଶ୍ୟ ଶ୍ରମିକଙ୍କ ଭିବି-ଜି ରାମଜି ଯୋଜନାରେ କଳ କାର୍ଡ ଧାରୀଙ୍କୁ ୧୦୦ ଦିନ କମ ବଢକରେ ଏବେ ୧୨୫ ଦିନକୁ ବୃଦ୍ଧି କରାଯାଇଛି ବୋଲି କହିଛନ୍ତି । ସେହିପରି ବନାଂଚଳ ଅନୁସୂଚିତ ଜନଜାତି ଶ୍ରମିକଙ୍କୁ ୨୫ ଦିନର ଅତିରିକ୍ତ ନିଯୁକ୍ତି ପ୍ରଦାନ କରାଯିବ । ତାହା ସହିତ ୭ ଦିନରେ ମଜୁରୀ ପୈଠ ସହିତ ୧୫ ଦିନ ମଧ୍ୟରେ କାମ ନ ପାଇଲେ ସେମାନଙ୍କୁ ବେକାରୀ ଭତ୍ତା ମିଳବ, ଗ୍ରାମିଣ ବିକାଶ ଏବଂ ଜଳସାଣ ଙ୍କୁ ପ୍ରୋତ୍ସାହିତ କରୁଥିବା ଉପ୍ରାକର ଏବଂ ସ୍ଥାୟୀ ଗ୍ରାମୀଣ ସମ୍ପତ୍ତି ନିର୍ମାଣ ଉପରେ ବିଶେଷ ଧ୍ୟାନ ରହିବା ସହିତ ଏକ ନୂତନ ଗ୍ରାମୀଣ ବିକାଶ ଭାର୍ଣ୍ଣ ରହିଛି । ସେହିପରି ମୁଖ୍ୟ କୃଷି ଗରୁରେ କୃଷି ଶ୍ରମିକଙ୍କ ଉପଲବ୍ଧତା ସୁନିଶ୍ଚିତ ଆଦିଯୋଜନା ଗୁଡିକ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନଙ୍କୁସୂଚନା ଦେଇଥିଲେ ବିଧାୟକ ଅମର ନାୟକ । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚେଲକୋଳା ବିଧାୟକ ଡା. ଫୋକିର ମୋହନ ନାଏକ, ରାଜ୍ୟ ସମ୍ପାଦିକା ମମତା ଙ୍ଗି, ଆନନ୍ଦପୁର ବିଧାନସଭା ନେତା ଆଲୋକ ସେଠୀ, ଘଟିପୁରା ବିଧାନସଭା ନେତା ଡ଼ଃ. ଶମ୍ଭୁନାଥ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ଭିବି-ଜି ରାମଜି ଜିଲ୍ଲା ସଂଯୋଜକ ଅନୁଦତ୍ତ ବେହେରା,ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ମିଡ଼ିଆ ସଂଯୋଜକ ତ୍ରଜକିଶୋର ରାୟ ମଚାଂସୀନ ହୋଇଥିଲେ । ସମ୍ମିଳନୀ ପରେ ଜିଲ୍ଲା ର ସମସ୍ତ ସାଙ୍ଗଠାନିକ ମଣ୍ଡଳ ର ସଭାପତି, ଜିଲ୍ଲା ପଦାଧିକାରୀ ଏବଂ ଭିବି-ଜି ରାମ ଜି ର ମଣ୍ଡଳ ସ୍ତରର ସଂଯୋଜକ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ଜିଲ୍ଲା ସାଧାରଣ ସମ୍ପାଦକ ଅଗନୁ ମହାନ୍ତ, ଜିଲ୍ଲା ଉପସଭାପତି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର ଜିଲ୍ଲା ସମ୍ପାଦକ ବୁଦ୍ଧସ୍ତ ମହାନ୍ତ, ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ମାହେଶ୍ୱରୀ ସଂଗଠନର ବାର୍ଷିକ ସାଧାରଣ ବୈଠକ-୨୦୨୬

ବଲାଙ୍ଗୀର,୨୦/୧(ନି/ପ୍ର): ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ବାର୍ଷିକ ସାଧାରଣ ସଭା ସଫଳତା ସହିତ ଆୟୋଜିତ ହୋଇଛି । ଏହି ସଭାରେ ଗାଖା ଜିଲ୍ଲାରୁ ପ୍ରାୟ ୫୦୦ ଯୁବ ସଦସ୍ୟ ଭାଗ ନେଇ ଗତ ବର୍ଷର ସାମାଜିକ କାର୍ଯ୍ୟକଳାପ ଏବଂ ସଂଗଠନର ବାର୍ଷିକ ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିବା ବେଳେ, ବରିଷ୍ଠ ସାମ୍ବାଦିକ ମନୋରଂଜନ ଘୋଷ ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ରହି ସଂଗଠନର ସାମାଜି ସେବାକୁ ସ୍ୱୀକୃତି ଓ ପ୍ରଶଂସା କରିଥିଲେ । ସଭାରେ ମାହେଶ୍ୱରୀ ର ପରିଚାଳନା ନିର୍ଦ୍ଦେଶକ ଅଜୁଣ କୁମାର ପାଣ୍ଡିଆ ଆଗାମୀ ବର୍ଷ ପାଇଁ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରି କହିଥିଲେ ଯେ ମାହେଶ୍ୱରୀ ଙ୍କୁ ଜିଲ୍ଲାର ସବୁଠାରୁ ଶକ୍ତିଶାଳୀ, କ୍ରିୟାଶୀଳ ଏବଂ ନିଷ୍ଠାବାନ ସାମାଜିକ ସଂଗଠନ ଭାବରେ ଗଢି ତୋଳିବା ଆମ ଲକ୍ଷ୍ୟ । ସେ କହିଥିଲେ ଯେ, ସମାଜ ସେବାର ଆଧାର ମୂଳସ୍ତରରୁ ହେବା ଉଚିତ ଏବଂ ଏହି ଦିଗରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଭାଗ ଆବଶ୍ୟକ । ଏହି ଅବସରରେ ସମାଜର ବୃଦ୍ଧ ବର୍ଗର ସହାୟତା ଉଦ୍ଦେଶ୍ୟରେ ୧୦ ଜଣ ବିଶିଷ୍ଟ ନାଗରିକଙ୍କୁ ସହାୟକ ସାମଗ୍ରୀ ଯଥା ହ୍ୱିଲ ଚେୟାର, କମୋଡ୍, କେଲ୍ ବେଲ୍ ଆଦି ପ୍ରଦାନ କରାଯାଇଥିଲା । ସଭାକୁ ବୃସ୍ତିମୟୀ ମହାପାତ୍ର ସଂଚାଳନାର ସହିତ ସଂଯୋଜନା କରିଥିଲେ । ଏହି ସଭାରେ ଟିଟିଲାଗଡ, ଦେଓଗାଁ, ତରଲା, ଆଗଲପୁର, ଲୋଇସିଂହା, ପାଟଣାଗଡ, ଖପ୍ରାଖୋଲ, ବଲାଙ୍ଗୀର ସଦର ଏବଂ ପୁର୍ଣ୍ଣଲା ଶାଖାମାନେ ଉପସ୍ଥିତ ରହିଥିଲେ । ସଂଗଠନର ସଭାପତି ଶୋଭନ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ପ୍ରୀତିଶ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାକୁ ସଫଳ କରିବାରେ ସୋମେଶ ମିଶ୍ର, ଆଶିଷ ଲେନା, ଲାଲ ବାଲୁଙ୍କେଶ୍ୱର ନନ୍ଦ, ଶିବାନନ୍ଦ ସାହାଣୀ, ଯତୀନ୍ଦ୍ର ସାହୁ, ଭରତ ବେହେରା, ସାହିଲ ସିଂହ ଗଡତ୍ୟା, ଆୟୁଷ ସାହୁ, ଅବିନାଶ ସାହୁ, ସମୀର ମହାନନ୍ଦ, ଶିବ ମହାମଲ୍ଲିକ, ଦେବାଶିଷ ପାଣ୍ଡିଆ, ପ୍ରେମାଶିଷ ପାଣ୍ଡିଆ, ଦୀପକ ତ୍ରିପାଠୀ, ସବିତା ଦାଶ, ସୁଷମା ବହିଦାର, ସୁପ୍ରମା ବହିଦାର, ପ୍ରବୀଣ ବହିଦାର, ପଦ୍ମଜୟା ବାରିକ, ବିଷ୍ଣୁପ୍ରିୟା ପାଣି, ଶୁଭଶ୍ରୀ ପଟ୍ଟନାୟକ, ଦେବାଶୀ ବହିଦାର, ସଂଜୟ ଅଗ୍ରୱାଲ, ସୁରଜ କୁମାର ପଟେଲ ଆଦି ସଦସ୍ୟମାନେ ସହଯୋଗ କରିଥିଲେ । ସଭା ଶେଷରେ ମାହେଶ୍ୱରୀ ପକ୍ଷରୁ ଆଗାମୀ ଦିନରେ ଅଧିକ ସଂଗଠିତ ଭାବେ ମୂଳସ୍ତରରୁ ସମାଜ ସେବା ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତି ନିଆଯାଇଥିଲା ।

ତିରିଂ ବ୍ଲକସ୍ତରୀୟ ବାର୍ଷିକ ସମ୍ମିଳନୀ ଓ ଶ୍ରୀ ଶ୍ରୀ ଠାକୁରଙ୍କ ୧୩୮ତମ ଜନ୍ମ ମହୋତ୍ସବ

ରାଉରକେଲାପୁର,୨୦/୧(ନି/ପ୍ର): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକସ୍ତରୀୟ ଶ୍ରୀ ଶ୍ରୀ ଠାକୁରଙ୍କର ୧୩୮ତମ ଜନ୍ମମହାମହୋତ୍ସବ ତଥା ବ୍ଲକସ୍ତରୀୟ ବାର୍ଷିକ ଉତ୍ସବ ଆଜି ବଡବାଳିମା ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଲକ ବିହାରୀ ଆଚାର୍ଯ୍ୟ (ସ.ପ୍ର.ଗ) ଉପାପତିତ୍ୱ କରିଥିଲେ । ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରୁ ସ.ପ୍ର.ଗ ବାବାଜୀ ଖୁଂଟିଆ, ନିଗମାନନ୍ଦ ପଟ୍ଟନାୟକ ଓ ଚିତ ରଂଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ପ୍ରଭାତ କୀର୍ତ୍ତନ, ପରେ ସମବେତ ପ୍ରାର୍ଥନା କରାଯାଇଥିଲା । ବଡବାଳିମା, ରତନସାହି ସତସଙ୍ଗ କେନ୍ଦ୍ର ଠାରୁ ଏକ ସୁଶୋଭିତ ରଥ ଦ୍ୱାରା ବଡବାଳିମା ବଜାରରେ ନଗର କୀର୍ତ୍ତନ କରି ଭକ୍ତମାନେ ନଗର ପରିକ୍ରମା କରିଥିଲେ । ୧୧ଟା ୩୦ ମିନିଟ ସମୟରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସତ୍‌ଯାନୁସରଣ ତ୍ରିଲୋକାନନ୍ଦ ଆଚାର୍ଯ୍ୟ ପାଠ କରିଥିଲା ବେଳେ ନାରୀର ନୀତି ବୃନ୍ଦାବନ ମହାନ୍ତ (ଯାଜକ) ପାଠ କରିଥିଲେ । ସର୍ବଶ୍ରୀ ନିଲୁରାନୀ ସାହୁ, ରାମେଶ୍ୱର ସାହୁ, ବର୍ଷାରାଣୀ ମହାନ୍ତ, ପ୍ରଭାପ ଚରଣ ପଣ୍ଡୁପାଳକ ଓ ମଳୟ ବତ ପ୍ରମୁଖ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ । ବକ୍ତାମାନେ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ଜୀବନରେ କିପରି ବ୍ୟକ୍ତିଜୀବନ, ପାରିବାରିକ ଜୀବନ, ସମାଜ ଓ ରାଷ୍ଟ୍ର ଜୀବନରେ ସୁଧାର ଆଣି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆନନ୍ଦ ଓ ଶାନ୍ତି ସ୍ଥାପନ କରିପାରିବେ, ସେ ସମ୍ପର୍କରେ ବିଶେଷ ଭାବେ ଗୁରୁତ୍ୱ ଆରୋପ କରିଥିଲେ । ଭଜାହରଣର ସହ ଶ୍ରୀ ଶ୍ରୀ ଠାକୁରଙ୍କର ବାଣୀ ଓ ଜୀବନୀ ବିଷୟରେ ଆଲୋଚନା କରି ତାଙ୍କର ଆଦର୍ଶକୁ ଗ୍ରହଣ କରି ନିଜ ଜୀବନରେ ଜଣେ ଆଦର୍ଶବାନ ହେବାକୁ ପ୍ରେରଣା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରୁ କର୍ମୀମାନେ ଯୋଗ ଦେଇଥିଲେ । କମଳାକାନ୍ତ ମହାନ୍ତ, ଲକ୍ଷ୍ମମ ଗିରି, ଗଗନଧ୍ୱଜ ମହାନ୍ତ, ଅତଳ ବିହାରୀ ଦାସ, ମନୁଷ ମହାନ୍ତ, ବିଭୂତି ଭୂଷଣ ଜ୍ୟୋତିଷୀ, ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ । ମା ମାନଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନପ୍ରାନ୍ତ ତଥା ଟାଟା, ଖରସୁଆଁ, ଷଡେଇକଳା ଇତ୍ୟାଦିରୁ ୫ ଶହରୁ ଊର୍ଧ୍ୱ ଯୋଗ ଦାନ କରେ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବନ୍ଧୁ କର୍ମୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସଫଳ ହୋଇପାରିଛି । ସେମାନେ ହେଲେ ସୁଦୀପ୍ତ କୁମାର ସାହୁ, ଜନ୍ମେଜୟ ମଣ୍ଡଳ, ଅଶୋକଚନ୍ଦ୍ର ସାହୁ, ଶିଶିର ଚନ୍ଦ୍ର ଅଥାଲ, ଗୋପିନାଥ ସାହୁ, ବାସୁଦେବ ଙ୍ଗି, ସଂଜିତ କୁମାର ଅଥାଲ ଓ ହରେକୃଷ୍ଣ ସାହୁ ପ୍ରମୁଖ ।

ଡାକ୍ତର ସଂଜୀବ

ବିବିଧା

ରାଶିଫଳ

ମେଷ: ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ଓଡ଼ିଆ ସମ୍ବାଦ ମତାନୁଯାୟୀ ହେବେ।

ବୃଷ: ବିବାହ ପ୍ରସ୍ତାବ ସ୍ଥିର ହେବା ସମ୍ଭାବନାର ପ୍ରତିକ୍ଷା କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ ସିଆରିସିରେ ଅଧିକ ଖର୍ଚ୍ଚ କରିବେ।

ମିଥୁନ: ଭାଇଙ୍କଠାରେ ସହଯୋଗ ମିଳିବ। ବାହାରିରେ ପରୋକ୍ଷରେ ସମ୍ମାନବୋଧ ଅଛି। ଜୀବନସାଥୀଙ୍କ ତଥା ଆତ୍ମୀୟଜନଙ୍କୁ ବୁଝିବେ ଚାହିଁବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କର୍କଟ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜଳିବ ସମସ୍ୟା ସମାଧାନ ହେବ। ଅତିସ୍ୱରେ ସହଜମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ଆୟର ସୁଖ ପ୍ରାପ୍ତ ହେବ।

ସିଂହ: ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

କନ୍ୟା: ଆତ୍ମୀୟଙ୍କଠାରୁ ଖୁସି ଖବର ପାଇବେ। ନିଜର ପାଇଁ ଅନୁକୂଳ ସମୟ ଚୁରେଇ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଫଳ ମିଳିବ।

ତୁଳା: ବୁଦ୍ଧିବିବେକରୁ ନିଣ୍ଟୁଛି। ସ୍ୱାସ୍ଥ୍ୟକୁ ଚାରିପାଇଁ ସମୟ ଲାଗିବ। ବିବାହଯୋଗ୍ୟ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମଧୁରତା ବୃଦ୍ଧି ହେବ।

ବିଛା: ଅଟକିଥିବା କାର୍ଯ୍ୟଠାରୁ ସମୟରେ ପୂରା ହେବିବେ। ବିଭିନ୍ନ ଅପେକ୍ଷାକୃତ ଲାଭ ପାଇଁ ପ୍ରଚେଷ୍ଟା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ମିଳିଜୁଲି ସାଥିରେ ସହଯୋଗ ବୃଦ୍ଧିପାଇବ।

ଧନୁ: ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜବୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

ମକର: ପ୍ରୟୁକ୍ତା ବନ୍ଧୁଙ୍କ ସହ ଦେଖାସାକ୍ଷତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଭଗବେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

କୁମ୍ଭ: ଚଳାଚଳ ସୁଖକର ହେବେ। ଛାତ୍ରଛାତ୍ରୀ କଳାଲିଖନ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପରୋକ୍ଷରେ ସମସ୍ୟା ଅଛି। ବିଦ୍ୟାଧ୍ୟୟନଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

ମୀନ: ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆଳିସ ଚିନ୍ତିରେ ଦ୍ରୁତାନ୍ତ ଆଳିବ। ଆଳସ୍ୟମାଳ ବଜିତ ସମୟଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଗୁରୁତ୍ୱପୂର୍ଣ୍ଣ ତଥ୍ୟ

- ୧୮୮୬-କଲିକତାରେ ବିଜୁ କଳେଜର ସ୍ଥାପନା।
- ୧୯୫୩-ଏକ୍ସାର୍ଚ୍ଚ ଅଷ୍ଟମାଙ୍ଗଲଗ୍ରନ୍ଥ ରାଜା ଭାବେ ଅଭିଷିକ୍ତ ହେଲେ।
- ୧୯୫୬-ଭାରତର ପ୍ରଥମ ପରମାଣୁ ବିଜୁଳିଘର 'ଅପ୍‌ସରା'କୁ ଲଞ୍ଚ କରାଗଲା।
- ୧୯୮୮-ଅଷ୍ଟ୍ରେଲିଆରେ ମାଟିକ୍ ବୁଥର୍ ବିଶ୍ୱକ୍ଷ ଜନ୍ମ ଦିବସକୁ ଜାତୀୟ ଛୁଟି ଦିବସ ଘୋଷଣା।
- ୧୯୯୦-ମାଲାଏସିୟାନ ଜଳମୂର୍ତ୍ତ୍ୟା-୧୦ଜ ଅବତରଣ।
- ୨୦୧୯-ଦ୍ୱିତୀୟ ଅଷ୍ଟ୍ରେଲିଆ ଅଷ୍ଟ୍ରେଲିଆର ରାଷ୍ଟ୍ରପତି ଭାବେ ଶପଥ ନେଲେ।

'ଜେଲର୍ ୨'

ଅତିଥି କଳାକାର ହେବାର କାରଣ କହିଲେ ବିଜୟ

ସ୍ୱତନ୍ତ୍ରଭାବେ ଚଳଚ୍ଚିତ୍ରକାରଙ୍କ ଚିତ୍ରରୁ ଚାହାଁ ପ୍ରଶଂସାମାନେ ବର୍ଷ ବର୍ଷ ଧରି ଅପେକ୍ଷା କରି ଥିଲେଣି। 'ଜେଲର୍ ୨' ଜଣଦରଙ୍କ ସଫଳତା ପରେ ଏବେ ଏହାର ସିକ୍ୱେଲ୍‌କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। 'ଜେଲର୍ ୨'ରେ ମନୋରଞ୍ଜନ ସାଙ୍ଗକୁ ଜଣଜଣଙ୍କ ଆକ୍ସନ୍, ଥ୍ରିଲିଂ ଦୃଶ୍ୟ ମିଳିବ। ଏମିତିକି ସାଉଥ୍ ଇଣ୍ଡଷ୍ଟ୍ରୀର ଜଣେ ଜଣେ ଲୋକପ୍ରିୟ ଅଭିନେତା ବିଜୟ ସେଥିପାଇଁ ଅତିଥି କଳାକାର ଭାବେ ଦେଖାଯିବେ। ନିଜସ୍ୱରେ ପ୍ରଶଂସାମାନଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ବିଜୟ 'ଜେଲର ୨'ରେ ଅତିଥି କଳାକାର ଭାବେ କାମ କରିବାର କାରଣ କହିଛନ୍ତି। ବିଜୟଙ୍କ କହିବା କଥା, 'ଜଣେ ମାନ୍ୟ ଏମିତି ଜଣେ ଜଣେ ଅଭିନେତା ଯେ ଏକାଧିକ ଚରିତ୍ରରେ ରାଜ କରୁଛନ୍ତି। ତାଙ୍କ ସହ କାମ କରିବା ଦୋଳିଣ୍ଡ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ସମ୍ମାନ।' ନେଲସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ଜେଲର୍ ୨' ଏହାର ପ୍ରଥମ ପାର୍ଟ ଭଳି ଅଣ୍ଟାନ୍ଥ ଓ ମନୋରଞ୍ଜନ ଦ୍ୱାରା ଦର୍ଶକଙ୍କୁ ଦାଣ୍ଡି ଉଞ୍ଚିବ ବୋଲି ବୁଝାଯାଉଛି। ପିଚ୍ଚର୍ଚ୍ଚ ପୁଟି ବେଳେଘାଟୁ ଆରମ୍ଭ ହୋଇଛି। ରାମ୍ୟା କ୍ରିଷ୍ଣନ୍, ପୁଟି ସେଥିରା ପଟେଟା ସାମାଜିକ ପ୍ରଚାରମାଧ୍ୟମରେ ସେୟାର୍ କରିଥିଲେ। ଏହାବାଦ୍ ଏଥିରେ ମୋହନଲାଲ ମଧ୍ୟ ଦେଖାଯିବେ।

ନାସାର ନିଆରା ପ୍ରତିଯୋଗିତା

ମଙ୍ଗଳ ଗ୍ରହରେ ମଣିଷ ମହାମିଳନ ସେଠାରେ ବହୁ ବନ୍ଧକ ଖାଦ୍ୟର ହେବ। ମଙ୍ଗଳ ଗ୍ରହକୁ ଏହା ବର୍ଷର କଠୁମ୍ବ ଯାତ୍ରା ପାଇଁ ଯଦି ଯାତ୍ରୀ ଖାଦ୍ୟ ଯାଇକୁ ଦିଆ ଦିବେ ତାହେଲେ ଖାଦ୍ୟ ଅଭାବ ଦେଖାଦେବ ସୁଦିଧା ମଧ୍ୟ ନାହିଁ। ଏହି ସମସ୍ୟାର ସମାଧାନ କରିବା ପାଇଁ ନାସା 'ଡପ୍ ସେଭ୍ ଫୁଡ୍ ଚାଲେଞ୍ଜ' ନାମକ ଏକ ନିଆରା ପ୍ରତିଯୋଗିତା ଆୟୋଜନ କରିଛି। ନାସା ଏଥିରେ ବିଜୟ ପ୍ରତିଯୋଗୀଙ୍କୁ ପ୍ରାୟ ୬ ଲକ୍ଷ ଟଙ୍କା ପୁରସ୍କାର ଦେବ। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ମହାକାଶରେ ଖାଦ୍ୟ ପ୍ରସ୍ତୁତିର କୌଶଳ ଶିଖାଇ ଉପାୟ ଖୋଜି ବାହାର କରିବାକୁ ପଡ଼ିବ। ଯାତ୍ରୀ ଖାଦ୍ୟାରେ କଟିରେ, ନାସା ଏମିତି ଏକ ସେଲ୍ ମିଟେରର ସନ୍ଧାନ କରୁଛି, ଯାହାକି ମହାକାଶଗାରୀ ଘେଟ ରହିବ ଏବଂ ଖୋଳିଲା ରଖିବ ମାଟି। ଡେଣ୍ଟୁ ଲାସା ଏମିତି ଏକ ସିଷ୍ଟମ ଶୋଧୁଛି, ଯାହାରା ମହାକାଶଗାରୀ ନିଜେ ମଙ୍ଗଳରେ ନିଜ ପାଇଁ ଖାଦ୍ୟ ଉତ୍ପାଦନ କରିବେ ଓ ସେଠାରେ ଏହାକୁ ରାଖି ପାରିବେ। ଏହି କାମ ଲାଗି ଗୋଲାପୁଷ୍ପ, ଛାତୁ ଏବଂ ଦୌଳାଳିଙ୍କର ସାହାଯ୍ୟ ନେଉଛି। ଏହି ଟ୍ୟାବେଲେଟରେ ଖାଦ୍ୟ ଦେବେଳ ସ୍ୱାଦିଷ୍ଟ ହେବ ତାହା ନୁହେଁ, ପୁଷ୍ଟିକର ହେବା ଦି ଦରକାର। ଏଭଳି ହେବା ଦ୍ୱାରା ଖାଦ୍ୟ ଅପଚୟ ଯେମିତି ହ୍ରାସ ପାଇବ। ସେହିପରି ଏହି ପ୍ରତିଷ୍ଠାନ ଏମିତି ହେବା ଦରକାର, ଯାହାକି ମହାକାଶରେ ବ୍ୟବହୃତ ପାଣି ଓ ପଦାର୍ଥକୁ ପୁଣି ଅରେ ଦିଶ୍ରୁଷ ଭଳି ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯିବ। ଜେଣ୍ଟ ଏହା ମାଧ୍ୟମରେ ଲକ୍ଷ୍ୟ ଅଛି ଯେ, ମଙ୍ଗଳକୁ ବର୍ଷ ଦିନ ଧରି ଯାତ୍ରା କରିବା ସମୟରେ ମହାକାଶଚାରୀମାନେ ଯେମିତି ଖାଦ୍ୟରେ ଭୋଜନ ଓ ମାନସିକସ୍ଥରରେ ସୁସ୍ଥ ରହିବେ। ଏହି ବ୍ୟାଲେଞ୍ଜର ଅନ୍ତଃକରଣ ବିଜୟଶ୍ରୁତ୍ ହେବଳି ଏହାର ଲାଭ କେବଳ ମହାକାଶଚାରୀଙ୍କୁ ନୁହେଁ, ବରଂ ଅନ୍ୟ ସମସ୍ତଙ୍କୁ ମିଳିବ। ସେହିଁ ଉପାୟରେ ବୈଜ୍ଞାନିକମାନେ ମଙ୍ଗଳରେ ଚାଷ କରିବେନ, ସେହି ହେତୁ ଭିନ୍ନ ଭିନ୍ନ ପ୍ରକାରର ପୁଷ୍ଟିକାରୀ ପଦାର୍ଥ ଯେପରି ଫ୍ଲାନ୍ଦ୍ରିକରେ ଜନାଯିବ, ସେଥିପାଇଁ ଏହି ଟ୍ୟାବେଲେଟ ମାଧ୍ୟମରେ ଖାଦ୍ୟ ଯୋଗାଇ ଦ୍ୱାର୍ଯ୍ୟ ସମ୍ଭବ ହେବ ନାହିଁ, ବିଚାରପତିଙ୍କୁ ସେହିଠି ନୂତନ ପରିବେଶ ଦି ଦରକାର। ଯଦି ଏହା ସମ୍ଭବ ହୁଏ, ତେବେ ମଙ୍ଗଳ ଗ୍ରହକୁ ଯିବାର ଜଣ୍ଡରର ଯାତ୍ରା ମଧ୍ୟ ସହଜ ଏବଂ ସୁରକ୍ଷାର ହୋଇପାରିବ। ଅବଶ୍ୟ ଏହି ଟ୍ୟାବେଲ୍ଟରେ ସାମିଲ ହେବା ଲାଗି ଏହାର ଅତିରିକ୍ତ ସୋଡ଼ିୟମ ଚିଲ୍ଲିଶ ବିକଳ୍ପ ମିଳିପାରିବ। ଏହାକୁ ଯେଉଁମାନେ ଏ ଲାଗି ଲାଗୁଛନ୍ତି, ସେମାନେ ଆବଶ୍ୟ ଲୁଆଲ ୩୫ ପର୍ଯ୍ୟନ୍ତ ନିଜ ନାମ ଏଥିରେ ସାମିଲ କରିପାରିବେ।

ମାଘ ମେଳାରେ ନିଆରା ସ୍କୁଲ

ଟାର୍ଣ୍ଣାଗାଛ ପ୍ରୟାଗଘାଟରେ ଚାଲିଛି ପବିତ୍ର ମାଘ ମେଳା। ଏଠାରେ ଦେବତା ଭକ୍ତି ଭାବ ଜୁଡ଼ିଛି, ବରଂ ଜ୍ଞାନର ଗଙ୍ଗା ମଧ୍ୟ ବହୁଛି। ଏଠାରେ କାମ କରୁଥିବା ଶତ ଶତ ସରକାରୀଙ୍କ ପିଲାଙ୍କୁ ଶିକ୍ଷା ପ୍ରଦାନ ପାଇଁ ଷ୍ଟୋଟ୍ସ ସ୍କୁଲ ଖୋଲା ଯାଇଛି। ଉତ୍ତର ପ୍ରଦେଶର ବିଜିନ୍ନ ବିଭାଗର ଆଧିପତ୍ୟ ସଫରର କର୍ମଚାରୀଙ୍କର ସନ୍ତାନ ଜଣ ପିଲା ଏହି ସ୍କୁଲରେ ପାଠ ପଢୁଛନ୍ତି। ମାଘ ମେଳାର ଜିଲ୍ଲ ମଧ୍ୟରେ ଏହି ନିଆରା ସ୍କୁଲ ବି ପରିଚାଳିତ ହେଉଛି। ଏହାର ମୀ ବିଭାଗ ଭୂମ ପ୍ରାଥମିକ ବିଦ୍ୟାଳୟ ଚଳାଯାଉଛି। ଅନ୍ୟପକ୍ଷେ ମହାକୁମ ସମୟରେ ବିଦ୍ୟାକୁମ ଅଭିଯାନ ଏକୁସେଟ୍ ଚର୍ଚ୍ଚାଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାକୁ ଏଥର ଦକ୍ଷିଣବର୍ଷର ମାଘ ମେଳା ଅଞ୍ଚଳରେ ଜାରିକରା ପ୍ରାଥମିକ ଶିକ୍ଷା ଦିଆଯାଉଥିବା ଆଧାରକୁ ନିଆଯାଇଛି। ମାଘ ମେଳାରେ ନିୟୋଜିତ ଏଥେପକର୍ମୀଙ୍କ ପିଲାଙ୍କ ପାଠପଢ଼ା ଯେପରି ପ୍ରଭାବିତ ନ ହେବ ଏ ଲାଗି ଶିକ୍ଷା ବିଭାଗ ପକ୍ଷରୁ ଏହି ନିଆରା ଅଭିଯାନ ଗତକୁ ନିଆଯାଇଛି। ଗତେ ଏହି ସ୍କୁଲର ଶ୍ରେଣୀଗୃହ ଖୁବ ସୁନ୍ଦର ହୋଇଥିବାବେଳେ ପିଲାଙ୍କ ପାଠ ପଢ଼ାଇବା ଲାଗି ଶିକ୍ଷକେ ବ୍ୟବିଧ ଜରୁରାଯାଇଛି। ପାଠପଢ଼ା ସହ ଏଠାରେ ପିଲାଙ୍କୁ ଅନ୍ୟ କାର୍ଯ୍ୟକଳାପସମୂହିକ ମଧ୍ୟ କରାଯାଇଛି। ଶିକ୍ଷକମାନେ ବି ହାଲିହୁର ସହ ନିଜ ଜର୍ବିବ୍ୟ ପାଳନ କରୁଥିବା ଜଣାପଡ଼ିଛି। ଶିକ୍ଷକମାନେ ଠିକ୍ ସମୟରେ ଆସି ଏଠାରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ମାଘ ମେଳାରେ ପିଲାଙ୍କୁ ପାଠ ପଢ଼ାଇବା ଦୋଷାଧ୍ୟକ୍ଷ ବିଶେଷ ବୋଲି ଏଠାରେ ନିୟୋଜିତ ଶିକ୍ଷକମାନେ କହିଛନ୍ତି। ଏଭଳି ଉଦ୍ୟୋଗ ଜଣା ଜଣା ଶୁଣାଇବୁଙ୍କୁ ପ୍ରଶଂସା ଯୋଗାଇବା ସହ ପରେଥେ ଯୋଗାଙ୍କ ପିଲାମାନଙ୍କ ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ କରୁଛି।

ଚମତ୍କାର ତଥ୍ୟ

- ୧୮୮୬-ଜାନୁଆରୀ ୨୧ ରେ ଜର୍ମାନ ଇଞ୍ଜିନିୟର କାର୍ଲ ବେନ୍ଜ ପ୍ରଥମ ପେଟ୍ରୋଲ ଚାଳିତ ଗାଡ଼ି ପେଟେଣ୍ଟ କରିଥିଲେ।
- ୧۹۹۹-ଜାନୁଆରୀ ୨୧ ରେ ଇଟାଲୀ ଫୁଟବଲ ଖେଳାଳି ଆଲେସାଣ୍ଡ୍ରୋ ଡେଲ ପିଆରୋ ଜନ୍ମ ହୋଇଥିଲେ।
- ୨୦୦୩-ଜାନୁଆରୀ ୨୧ ରେ ଆମେରିକାର ଜଣେ ଅଭିନେତା ଜେମ୍ସ ଡିନ୍ ଜନ୍ମ ହୋଇଥିଲେ।
- ୨୦୧୩-ଜାନୁଆରୀ ୨୧ ରେ ଭାରତ ଓ ଚୀନ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।
- ୨୦୨୦-ଜାନୁଆରୀ ୨୧ ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶପଥ ନେଇଥିଲେ।

ଲାଭଜନକ ଚାଷ



ଆମ ରାଜ୍ୟର ଚାଷୀମାନେ ଖରାଟିଆ ଚାଷ ପାଇଁ ଜମି ପ୍ରସ୍ତୁତ କରି କାଳୁଡ଼ିଜାତୀୟ ଫସଲ ଚାଷ କରିପାରିବେ।

ଜମି ପ୍ରସ୍ତୁତି କରି ଲାଇନ୍‌ରେ କାଳୁଡ଼ି ବିହନ ବୁଣିବା ଦରକାର। ଦୂରତା ୧.୫ ମିଟର ଓ ଗଛରୁ ଗଛ ଏବଂ ମିଟର ଦରତ୍ୱ। ହାଲୁକା ଜଳ ସିଞ୍ଚନ ଓ ଘାସ ନିୟନ୍ତ୍ରଣ ଦ୍ୱାରା କାଳୁଡ଼ି ଅମ୍ବଳ ଭଲ ହୋଇଥାଏ। ସେହିପରି ଏହ ଏକର ଜମିରେ ଛଞ୍ଚିଆ ଚାଷ ପାଇଁ ଏକ ଜିଲ୍ଲା ବିହନ ଆବଶ୍ୟକ। ଜମି ପ୍ରସ୍ତୁତି ସମୟରେ ଖତ ପ୍ରୟୋଗ ସହ ୨ଟୁ ୩ଥର ମାଟି ଓଳଟାଇବା ଜରୁରୀ। ପଛରୁ ପଛରୁ ଦୂରତା ୬୦ ସେମି ରଖିବା ଆବଶ୍ୟକ। ଜହି ଚାଷ ପାଇଁ ଏହି ସମୟ ସର୍ବୋତ୍ତମ। ଅଧିକ ସଜାଗରେ ବିହନ ପୋତିବା ଅନୁଚିତ। ଏହାଦ୍ୱାରା ଅଙ୍କୁରଣ ଜମରେ ପ୍ରଭାବ ପଡ଼େ।

ମାଲୁଆ ଚେମାଙ୍ଗା ମାଟିରେ ମଞ୍ଜି ଓ ଚାରା ବ୍ୟବହାର କରି ଜଗରା ଚାଷ କରାଯାଏ। ଏଦେ ଚରଣିଗେରେ ନଦୀର ମାଟିରୁ ଉତ୍ତମ କରି ପାଳଙ୍ଗ ଚାଷ କରିପାରିବ।

ସ୍ୱତନ୍ତ୍ର ଟିଟ୍‌କପ୍

ଅଡ଼ିଶାଖୁଟିକ ଜାଏଣ ଫାର୍ମରେ ଶୀତ ଦୃଷ୍ଟିରୁ ପାଇଁ ମିଳିଜାଁ ଗମିଦ୍ (ଟିଟ୍‌କପ୍) ବ୍ୟବହାର କରାଯାଏ। ପ୍ରାୟତଃ ମେସିନ୍ ଅଧିକ ଦୁଗ୍ଧ ଉତ୍ପାଦନ ଜନ୍ମ ଗାଈଙ୍କ ଆକାରରେ ବିଜାଳର ହୋଇଥାଏ। ଫଳରେ ବେଶୀ ଗାଈଙ୍କ ଥାଏ ଚିଲେଜିଟ୍ ଶୀତ ଖାଏଁ। ଏହା ଦ୍ୱାରା ଦୁଗ୍ଧ ନିଷ୍ଠ ସହ ଗାଈ ମନ୍ତ୍ରଣା ସହନ୍ତି। କମ୍ ଶୀତ ଦିଅନ୍ତି। ଏମାନେ ଆଶ୍ରମ, ଜାନାଗୁପ ବିଶ୍ୱାସ ମିଳନ ହୋଇ ଗଣ ଏବଂ 'ବନ୍ଧମାନଙ୍କୁ ଟିଟ୍ କପ୍' ମେସିନ୍ ନିଆ ଜଣ ଜଣ ଲଢ଼ିଛନ୍ତି। ବେଶୀ ଗାଈଙ୍କ ଶାରୀରିକ ସ୍ଥିତି ଅନୁସାରେ ଏହାର କପ୍ ନିର୍ମିତ। କପ୍‌ର ଯୋଗ ସ୍ୱାସ୍ଥ ୫ ଫେମି। ଲମ୍ବା ବସ୍ତୁ ଦ୍ୱାରା ତିଆରି। ଏଥିରେ ଦୁଗ୍ଧ ନିଷ୍ଠ ହୁଏ ନାହିଁ। ଏହି ମେସିନ୍‌ଟି ପ୍ରତ୍ୟେକରେ ୮ ରୁ ୧୦ଟି ଗାଈଙ୍କଠାରୁ ଶୀତ ଦୁଗ୍ଧି ପାରିବ। ମେସିନ୍‌ଟି ହାଲୁକା ଏବଂ ପୋର୍ଟେବଲ। ଏଥିରେ ଛୋଟ ଚାଉଳ ମଧ୍ୟ ଏବଂ ୦.୭ ରୁ ୧ ଏଚପିର ମୋଟର ଲାଗିଛି। ଏହା ବିଦ୍ୟୁତ ଚାଳିତ। ଏହି ମେସିନ୍‌ରେ ଅନ୍ୟାନ୍ୟ ବିଜ୍ଞ ରହିଛି। ଏହାର ଟିଟକପ୍‌ରେ ଗାଈ ଆରାମ ଅନୁଭବ କରିବେ।

ସୁବର୍ଣ୍ଣା

କୃଷି–ପଣ୍ୟ କମ୍ପାନୀଙ୍କ ପାଇଁ ଅର୍ଥନୈତିକ ଗତିବିଧି

ଭାରତର ଅର୍ଥନୈତିକ ବିକାଶରେ କୃଷିକାର୍ଯ୍ୟର ମୁଖ୍ୟ ଭୂମିକା ରହିଛି। ଦେଶୁ ଗରୋଲ ଚାହିଦା ଓ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଯାନ୍ତ୍ରିକ ଓ ଅତ୍ୟାଧୁନିକ କୃଷିପ୍ରଣାଳୀ ଉପଯୋଗୀ ଉତ୍ପାଦନ ପରିମାଣକୁ ବହୁଗୁଣିତ କରାଯାଇଛି।

୨୦୨୬ ଆରମ୍ଭରୁ ଭାରତୀୟ କୃଷି-ପଣ୍ୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଛି। ସରକାର ଜାତୀୟ ଆୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ। ଖରିଫ ୨୦୨୫-୨୬ ଉତ୍ପାଦନ ୨୮.୩୩ ମିଲିୟନ ଟନ୍‌ରେ ପହଞ୍ଚିଛି। ସରକାର ବାର୍ଷିକ ୨୦୫ ମିଲିୟନ ଟନ୍‌ରୁ ଅଧିକ ପରିପରିକ୍ରମ ଉତ୍ପାଦନ କରେ। ନଗାଡ଼ି ଚୁର୍ବକ ଶାକଚ ଶୁଖାଳ ଏବଂ ଶକ୍ତିର ଯୋଗାଣ ବ୍ୟବସ୍ଥା ଯୋଗୁଁ ଅନେକ ପରବର୍ତ୍ତୀ ଖରି ବହିବାକୁ ପଡ଼େ। ନଷ୍ଟଖାଦ୍ୟ, ଗୁଦାଘରାନ୍ତ ଏବଂ ଯୋଗାଣ ଚାହିଦା ଯୋଗୁଁ ପରିବା ମୂଲ୍ୟ-ଯୋଗେଦ୍ୟଶାଳ ରହିଛି।

ଭାରତର କୃଷି-ପଣ୍ୟ କ୍ଷେତ୍ର ଉତ୍ପାଦନ ସହ ବଜାର ସମ୍ପର୍କ, ଗୁଣବତ୍ତା ଏବଂ ଗତି ଦ୍ୱାରା ପରିଚାଳିତ। ବିଶ୍ୱ ମୂଲ୍ୟ ଅସ୍ଥିରତା ଜାରି ରହିବା ଏବଂ ଜଳବାୟୁ ଅସ୍ଥିରତା ସହ ଆମକୁ ରପ୍ତିକାର ପଥ ବଜାଲ-ଚାଳିତ ମୂଲ୍ୟ ଶୃଙ୍ଖଳ, ଏଗ୍ରୋ ପ୍ରସେସିଂ, ଶୈତ୍ୟାଳିକ ଗଦାକରଣ ଏବଂ ବିଜିଟାଲ ଚାଷିଙ୍କ ଭିତିଭୂମିରେ ରହିଛି। ପୂର୍ବାନୁମାନ ଯୋଗ୍ୟ ବଜାରି ଚାହି, ଯୋଗାଣ-ଚାହିଦା ଅଭିଜ୍ଞ ଅର୍ଥିକ ସ୍ଥାନାରେ ଏବଂ ଜଳବାୟୁ ସ୍ମାର୍ଟ ଅଭ୍ୟାସଗୁଡ଼ିକ ଏସ୍‌ଟିଡିକି (ଚାଷିଦ୍ୟ ମାହି), ଏସ୍‌ଟିଡିଏ (ଶ୍ରୁମ୍ପ ସ୍ପ୍ରେ), ଏସ୍‌ଟିଡିଟି ଏମ୍ (ଜଳବାୟୁ ମାର୍ଗ) ହୁ ଆମକୁ ବଢ଼ାଇବା ସହ ବଜାର ସ୍ଥିରତାକୁ ସୁଦୃଢ଼ କରିବ। ଗରୋଲ ଉତ୍ପାଦନ ସହ ସାର୍ବଜନୀନ ନିବେଶ, ଗ୍ରାମୀଣ କୃଷି ପଣ୍ୟ ଜରୋସିଷ୍ଟମରେ ଅନ୍ତର୍ଭୁକ୍ତ ଏବଂ ଆୟୀ ଅଭିବୃଦ୍ଧିକୁ ମଧ୍ୟମୋଚ କରିପାରିବ।

- ଅଭିଳାଷ ନାୟକ

ଫୋନ୍-୭୦୬୨ ୫୬୫୫୫୫

ଉପଯୋଗୀ ଭର୍ମିୱାଶ୍

ଭର୍ମିୱାଶ ଏକ ପ୍ରାକୃତିକ ଜୈବିକ। ଏହା ଜିଆଖତରୁ ପ୍ରସ୍ତୁତ ହୋଇଥାଏ। ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ, ସୂକ୍ଷ୍ମଜୀବୀ ଆଦି ରହିଥାଏ। ଏହା ମାଟିର ଉର୍ବରତା ବୃଦ୍ଧି କରି ଫସଲ ବଢ଼ାଇବାରେ ସାହାଯ୍ୟ କରେ।

ଭର୍ମିୱାଶ୍‌କୁ ପାଣି କିମ୍ବା ଖୋଳିଥିବା ସହିତ ମିଶାଇ ବ୍ୟବହାର କରାଯାଏ। ଏକ ଲିଟର ଭର୍ମିୱାଶ୍‌ରେ ୧୦ରୁ ୧୫ ଲିଟର ପାଣି ମିଶାଇ ସପ୍ତାହ ସମୟରେ ମନ୍ତ୍ର ମିଶ୍ରଣ କିମ୍ବା ମାଟିରେ ପକାଇବା ଦ୍ୱାରା ଜାତ ଦିଆଯାଇ ଦ୍ୟୁତ୍ୟ ଏବଂ ୧୫ ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରାଯାଇ ପାରିବ। ଭର୍ମିୱାଶ୍‌କୁ ଖତ ସହ ମିଶାଇ ଗଛ ମୂଳରେ ଦେବା ଭଲ। ଭର୍ମିୱାଶ ବ୍ୟବହାର ଦ୍ୱାରା ଗଛକୁ ଆବଶ୍ୟକ ପୋଷକତତ୍ତ୍ୱ ମିଳିଥାଏ। ଫସଲର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାଟିର ଜଳଧାରଣ କ୍ଷମତା ବଢ଼ିଥାଏ।

କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁହୁଚି, ବନ୍ଦ ଗୋଭାମାନ୍ତ ଓ ଆଦୁବାଣ୍ଡ ଆଦି ନ ହେବା ପାଇଁ ଫସଲରେ ହାଲୁକା ଜଳସେଚନ କରନ୍ତୁ।
- ଖାଦ ତଳି ଉପାଦିବା ମଲୁଆ ବିନ ପୂର୍ବରୁ ମଲୁ ମାରେମିଠିଆ ପାଣି ରଖନ୍ତୁ।
- ବର୍

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨୧ ଜାନୁଆରୀ ୨୦୨୬

ଦିବାସ୍ୱପ୍ନ ଭିତରେ ମାନସିକ ଦକ୍ଷତା

ସୁଲୁଟା ଓଡଫ ବିଜୁଡି, ପବନକୁ ଫୁ କରିଦେଲା ପରି ଜଟକ ସହରର ଜଣେ ଅଜୁତ ଯୁବକ। ତାଙ୍କ ଜୀବନାମା ସମ୍ପର୍କରେ ଗଣମାଧ୍ୟମରେ ବେଶ ରୋଚକ ଖବର ପ୍ରକାଶ ପାଇଥିଲା। ସେ କୌଣସି ଏକ ଘଟଣାକୁ ନେଇ ସମ୍ପାଦ୍ୟ ଦୁର୍ଘଟଣା ହିଁ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। କେହି କେହି କୁହନ୍ତି ଦିବା ସ୍ୱପ୍ନ ଭଲ ନୁହେଁ। ସ୍ୱପ୍ନ ତ ସମସ୍ତଙ୍କର ଥାଏ, ସ୍ୱପ୍ନ ବିନା ମନୁଷ୍ୟର ଜୀବନ ଯେ ଅଧୁରା ଏହା ନିଶ୍ଚୟ। ହୁଏତ କେହି କେହି ସାଧନାଳିପ୍ତ ମଣିଷ ଏହାକୁ ଅସ୍ୱୀକାର କରିପାରନ୍ତି। ତବୁଣ, ଜଟଂ ବୟସରେ ସ୍ୱପ୍ନ ଓ ବିଦା ସ୍ୱପ୍ନ ତ ପୁରାପୁରି ଖୁନ୍ଦି ହୋଇଯାଇଥାଏ। କିନ୍ତୁ ଅନେକ ହୁଏତ ଜାଣନ୍ତି ନାହିଁ ଏହି ଦିବାସ୍ୱପ୍ନ ଢ଼େର ସଜନାତ୍ମକ ସାବ୍ୟସ୍ତ ହୋଇଥାଏ ଆଉ ଜଣଙ୍କର ମାନସିକ ଦକ୍ଷତାକୁ ଆହୁରି ଉନ୍ନାହ ଯୋଗାଏ, ପ୍ରେରଣା ଯୋଗାଏ। କର୍ମବ୍ୟସ୍ତ ରହି ଅନ୍ତତଃ ନିଶା ସେବନରୁ ଦୂରେଇ ଜୀବନର ତ୍ରୁଟକୁ ସାଧନ ନିମିତ୍ତ ଦିବାସ୍ୱପ୍ନ ଯୁବ ବର୍ତ୍ତଙ୍କ ଯୁବ ଦକ୍ଷତା ଓ ସୁଖ ସଂଜନ୍ମ କହିଲେ ଅତ୍ୟୁକ୍ତି ହେବନାହିଁ। ସାଜାର ହେବ ନାହିଁବୋଲି ଜାଣିଲେ ବି ଅନେକ ସମୟରେ ମନୁଷ୍ୟାଙ୍କୁ ସୁଖ ପ୍ରଦାନକାରୀ ନାନାବିଧ ପରିକଳ୍ପନା କରିବାକୁ ଖୁବ ଭଲ ଲାଗେ। ଏପରି ଦିବା ସ୍ୱପ୍ନକୁ କୃତ୍ରିମ ଆନନ୍ଦ ବା କିଛି ଦୁଃଖ ଅବଦମିତ କରିବାର ଅଜାଳ ଉପାୟ ବୋଲି ବିବେଚନା କରାଯାଏ। କିନ୍ତୁ ଗବେଷଣାରୁ ଜଣାପଡ଼ିଛି ଯେଯ ଜାଣନ୍ତରେ ଦିବାସ୍ୱପ୍ନ ଦେଖିବା ହେଉଛି କଳ୍ପନା, ସମସ୍ୟା ସମାଧାନ ଓ ଧ୍ୟାନ ସ୍ଥିର ରଖିବା ଲାଗି ଉଦ୍ଦିଷ୍ଟ ମସ୍ତିଷ୍କ, କ୍ରିୟା ନିମନ୍ତେ ହିତକର। ସାଧାରଣତଃ ସ୍ୱଳ୍ପ ବାତ ଚାଲିବା, ଗାଧୋଇବା ଅଥବ ଚା' ବା କଫି ପିଇବା ଭଳି ଶାନ୍ତୁଳା କାର୍ଯ୍ୟ ସମୟରେ ଏଭଳି ଅବାସ୍ତବ ପରିକଳ୍ପନା ମସ୍ତିଷ୍କକୁ ବିମୁକ୍ତ ଭାବେ ବିତରଣ କରାଏ। ବୈଜ୍ଞାନିକମାନଙ୍କମତରେ ଏହା ହେଉଛି ମସ୍ତିଷ୍କ କ୍ରିୟାର ଅନ୍ୟ ଏକ ପଦ୍ଧତି। ଏ କ୍ରିୟା ଦ୍ୱାରା ମସ୍ତିଷ୍କ ସୂଚନା ସୁସଙ୍ଗଠିତ କରେ, ନିଖୁତ କଳ୍ପନା ସହ ସଂଯୋଗ କରେ ଏବଂ ନିରନ୍ତର କାର୍ଯ୍ୟ ପରିଚାଳନାରୁ ମସ୍ତିଷ୍କକୁ କ୍ଷୀଣ କରେ। ସୁଖଦ ପରିକଳ୍ପନା ପ୍ରକ୍ରିୟାରେ ମସ୍ତିଷ୍କର ବୁଜଟି ମୁଖ୍ୟ ନେଟୱାର୍କ ସମ୍ପୃକ୍ତ ବୋଲି ଗବେଷକମାନେ କହନ୍ତି। ଗୋଟିଏ ହେଉଛି ବିଶ୍ରାମ, ସୁଚିତ୍ତା ଓ ଅବ୍ୟକ୍ତ ଭାବନା ଜାଳରେ ସକ୍ରିୟ ହେଉଥିବା ଡିଫଲଟମୋଡ଼ ନେଟୱାର୍କ ଯାହାକୁ ସଂକ୍ଷେପରେ ଡିଏମଏନ୍ କୁହାଯାଏ। ଆରଟି ହେଉଛି ଲକ୍ଷ୍ୟ ନିର୍ଦ୍ଧାରିତ ଭାବନା ଓ ସମସ୍ୟା ସମାଧାନକାଳୀନ କଳ୍ପନା। ଏହାକୁ ଏକଜିକ୍ୟୁଟିଭ କଣ୍ଟ୍ରୋଲ ନେଟୱାର୍କ କୁହାଯାଏ। ଇଛାକୃତ ଦିବାସ୍ୱପ୍ନ ପାଇଁ ଡିଏମ୍‌ଏନ୍ ଓ ଏକଜିକ୍ୟୁଟିଭ କଣ୍ଟ୍ରୋଲ ନେଟୱାର୍କ ମଧ୍ୟରେ ସହଯୋଗିତା ରକ୍ଷା କରାଯିବାର ଆବଶ୍ୟକତା ରହିଛି। ଫଳରେ ମସ୍ତିଷ୍କ ଆବେଗ ପୃଥକୀକରଣ କରିପାରେ, ସୁରଣଶକ୍ତି ସୁଦୃଢ଼ ହୁଏ ଏବଂ ସକ୍ରିୟ ଉଦ୍ୟମ କରୁ ନ ଥିଲେ ବି ଜଟିଳ ସମସ୍ୟାର ନୂଆ ସମାଧାନ ମିଳିଯାଏ। ସମସ୍ୟା ସମାଧାନ ନିମନ୍ତେ ନୂଆ ଉପାୟ ଖୋଜିବାରେ ଦିବାସ୍ୱପ୍ନ ସହାୟକ ହୁଏ। ଏ ସଂକ୍ରାନ୍ତ ସବେଷଣା ପ୍ରମୁଖ ଆଲେଖ୍ୟ ୨୦୧୨ରେ ସାଇକୋଲୋଜିକାଲ ସାଇନସରେ ପ୍ରକାଶିତ ହୋଇଥିଲା। ସେଥିରେ ଉଲ୍ଲେଖ ଥିଲା ଯେ ନିବିଡ଼ ଚିନ୍ତନେ ଚିନ୍ତା କରି ଲୋକେ ଯେଉଁ ସମସ୍ୟା ସମାଧାନ କରିପାରନ୍ତି ନାହିଁ, ବିଦା ସ୍ୱପ୍ନ ଦେଖୁଥିବା ଲୋକେ ତାହା ଅତିରେ ସମାଧାନ କରିଦେଇଛି। ଇଚ୍ଛାକୃତ ଦିବାସ୍ୱପ୍ନର ଅର୍ଥ ନୁହେଁ ଯେ ନିଜ କାର୍ଯ୍ୟର ଗତିପଥରୁ ଓହରିଯିବା ଅଥବା ଦାୟିତ୍ୱ ଏଡ଼ାଇଯିବା। ବଟଂ ଏହା ହେଉଛି ସର୍ଜନଶୀଳତା ଓ ନିର୍ବିଚାର ଭାବେ ଅବ୍ୟକ୍ତ ଭାବନା ଆମନ୍ତ୍ରଣ କରିବା ପାଇଁ ମସ୍ତିଷ୍କକୁ ସାମାନ୍ୟ ଅବସର ଦେବା। ବାସନ ମାଜିବା ବେଳେ, ଚିଠିବାକୁ ପାଖକୁ ଯିବା ବେଳେ ଜଫି ତିଆରି କରିବା ବେଳେ କ୍ଷଣେ ରହିଯାଇ ଭାବନାକୁ ସୀମାହୀନ ଶୂନ୍ୟତାରେ ଭସାଇ ଦେବା ଆଦି ହେଉଛି କ୍ଷଣିକ ସୁଖଦଭାବନାର ଅବସର। ଆନନ୍ଦ ନୁହେଁ ବଂଶ ଉତ୍ସୁକତାର ସହିତ ଭବିଷ୍ୟତ ଲକ୍ଷ୍ୟ ଓ ସଫଳାତ୍ମକ ଫଳାଫଳ କଳ୍ପନା କରିବା ଦ୍ୱାରା ଡିଏମ୍‌ଏନ୍ ଅଧିକ କାର୍ଯ୍ୟକ୍ଷମ ହୁଏ। ଲୁଗାପଟା ଇଜାନ ଭଳି କରି ରଖିବା ଓ ବାଡ଼ିବଗିଚା ଜାମ କରିବା ଭଳି ପୁନଃ ପୌନିକ କାର୍ଯ୍ୟ ସମୟରେ ମନର ଭାବନାକୁ ନିୟନ୍ତ୍ରଣ ନ କରି ଅବାଧରେ ବିତରଣ କରିବାକୁ ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଚିନ୍ତା ହ୍ରାସ ପାଇବା ସହିତ ଆବେଗିକ ଅନ୍ତର୍ଦୃଷ୍ଟି ଜାଗରୁକ ହେବ। ଜୀବନର ନିଶ୍ଚିତ୍ତ ପ୍ରାପ୍ତି, ଯଶ, ଗୌରବ ସବୁକିଛି ଆପଣଙ୍କୁ ପ୍ରାପ୍ତ ହୋଇପାରିବ ଏହା ଆବୋ ଭୁଲକୁ ନାହିଁ।

ମହାରାଷ୍ଟ୍ରରେ ପରିବାର ପୁର୍ନମିଳନ

ମହାରାଷ୍ଟ୍ରରେ ବିଏମସି, ପୁନେ ଏବଂ ପିସିଏମସି ସମେତ ୨୯ଟି ମହାନଗର ନିଗମ ପାଇଁ ଗୁରୁବାର ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ଶୁକ୍ରବାର ଗଣତି ହୋଇଛି। ମୁମ୍ବାଇରେ ବୁଜ ପରିବାରର ରାଜୁତି ଶେଷ ହୋଇଛି। ଭାରତୀୟ ରାଜନୀତିରେ ଆଦର୍ଶ ବୁଜନାରେ ରଙ୍ଗର ସମ୍ପର୍କ ଅଧିକ ଗାଢ଼। ଏଭଳି ଉଦାହରଣ ବାରମ୍ବାର ଘଟି ଆସିଛି। ନିଜତରେ ମହାରାଷ୍ଟ୍ର ରାଜନୀତିର ଦୁଇ ପ୍ରଭାବଶାଳୀ ବିଭାଜିତ ପରିବାର ଦଳୀୟ ଆଦର୍ଶକୁ ପଛରେ ପକାଇ ଦେଇ ପୁନର୍ବାର ଏକଜୁଟ ହେବା ଘଟଣା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଜଣିବା ବାହୁଲ୍ୟ ଯେ, ବେଶରେ ମର୍ଯ୍ୟାଦାଜନକ ମହାନଗର ନିଗମ ଭାବେ ପରିଚିତ ବୃହତ ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ଏକାଠି ବା ମେଂଟ କରି ନିର୍ବାଚନ ଲଢିବା ପାଇଁ ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟ୍) ଏବଂ ରାଜ ଠାକ୍‌ରେଙ୍କ ଏମଏନଏସ୍ ହାତ ମିଳାଇଛନ୍ତି। ସେହିପରି ଅନ୍ୟତମ ମର୍ଯ୍ୟାଦାଜନକ ମହାନଗର ନିଗମ ପୁନେ ଏବଂ ପଚୋଣୀ ପିମ୍ପରିଂଚିଂଚୱାଡ଼ ମହାନଗର (ପିସିଏମସି) ନିର୍ବାଚନ ପାଇଁ ଶରଦ୍ ପାଓ୍ୱାର ଏବଂ ତାଙ୍କର ପୁତୁରା ଅଜିତ୍ ପାଓ୍ୱାର ହାତ ମିଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଏମସି ଠାକ୍‌ରେ ପରିବାର ଜବଜାରେ ଦଖଲି ଦଖଲି ଧରି ରହି ଆସିଥିବାବେଳେ ପୁନେ ଏବଂ ପିସିଏମସି ମହାନଗର ନିଗମ ପାଓ୍ୱାର ପରିବାରରେ ରହିଆସିଛି। ଏହି ତିନୋଟି ମହାନଗର ନିଗମକୁ ନିଜ ଜବଜାରେ ରଖିବା ଲାଗି ଦୁଇ ପରିବାର ପୁଣି ଏକାଠି ହେବା ମହାରାଷ୍ଟ୍ର ରାଜନୀତିରେ ଏକ ନୂତନ ରାଜନୈତିକ ସମ୍ମିଳନରୀ ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଠାକ୍‌ରେ ପରିବାରର ଦାୟତ୍ୱ ତଥା ଉତରାଧିକାରୀ ପ୍ରସଙ୍ଗକୁ କେନ୍ଦ୍ର କରି ବାଲ୍ ଠାକ୍‌ରେଙ୍କ ଜୀବ ଦଶାରେ ତାଙ୍କର ପୁତୁରା ଶିବସେନା ସହ ସମ୍ପର୍କ

ନୌକା ନାୟିକା



ନା, ନା, ନା ପ୍ରଭୁ ନା ମୋ ନୌକାରେ ଆପଣ ପାଦ ରଖନ୍ତୁନି। ମୁଁ ଅଧମ, ଅତି ନ ଆପଣଙ୍କୁ ମୋ ନୌକାରେ ପାଦ ରଖିବାକୁ କାରଣ କହୁଥିବାରୁ ମତେ କ୍ଷମା କରିଦିଅନ୍ତୁ ପ୍ରଭୁ। ପ୍ରଥମେ ଆପଣଙ୍କ ପଦଧୂଳିଗଳକୁ ନଦୀ ଜଳରେ ଧୋଇ ଦେବି ତାପରେ ଆପଣ ନୌକାରେ ଆସନ ଗ୍ରହଣ କରିବେ। ତ୍ରେତୟା ଯୁଗର କଥା ପ୍ରଭୁ ଶ୍ରୀରାମ, ମହର୍ଷି ବିଶ୍ୱାମିତ୍ର ଓ ପ୍ରଭୁ ଲକ୍ଷ୍ମଣଙ୍କ ସହ ମିଥିଳା ଯାତ୍ରା ଜଳାବେଳେ ଖଇରା ନଦୀ ପାରହେବା ପାଇଁ ଜହିବାରୁ ତାଙ୍କୁ କାରଣ କରିବାର କାରଣ ପଚାରନ୍ତେ ନାଉରୀ ପ୍ରଭୁ ଶ୍ରୀରାମଙ୍କ ଚରଣ ସ୍ପର୍ଶ ପୂର୍ବକ ପ୍ରଣାମ କରି ଖଇରା ନଦୀ ଜଳରେ ପ୍ରଭୁ ଶ୍ରୀରାମଙ୍କ ପଦଯୁଗଳ ଧୌତ କରୁଥିବୁ କହିଲା "ପ୍ରଭୁ ଆପଣଙ୍କ ପଦଧୂଳି ପାଇ ପଥର, ନାରୀ ପାଲଟିଗଲା। ମୋର ତ ଘରେ ଝୀ ଅଛି ମୋ ନୌକା ଯଦି ଆପଣଙ୍କ ଚରଣ ଧୂଳି ପାଇ ନାୟିକା ହୋଇଯିବ, ତେବେ ମୋ ସଂସାର ଭେଳା ବୁଡ଼ିଯିବ ପ୍ରଭୁ"। ପ୍ରଭୁ ଶ୍ରୀରାମଙ୍କର ମନେ ପଡ଼ିଲା ଋଷି ଗୌତମ ଓ ଋଷିପତ୍ନୀ ଅହଲ୍ୟାଙ୍କ କଥା। ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସ ସନ୍ତାନ ଅନିନ୍ଦ୍ୟ ସୁନ୍ଦରୀ ଅହଲ୍ୟାଙ୍କ ଅସାମାନ୍ୟା ରୂପରେ ବିମୋହିତ ହୋଇ ଦେବରାଜ ଇନ୍ଦ୍ର ତାଙ୍କୁ ବିବାହ କରିବାକୁ ଚାହିଁଥିଲେ କିନ୍ତୁ ଇନ୍ଦ୍ର ଅହଲ୍ୟାଙ୍କ ଯୋଗ୍ୟ ନୁହେଁ କହି ବୃଦ୍ଧା ଋଷି ଗୌତମଙ୍କ ସହ ଅହଲ୍ୟାଙ୍କ ବିବାହ କରାଇଥିଲେ। ନିଦିଦ, ଲଜ୍ଜିତ ଇନ୍ଦ୍ର ଉପାୟ ଖୋଜୁଥିଲେ। କାମୁକ ଦେବରାଜ କାମନା, ବାସନାରେ ମଜ୍ଜି ଛଦ୍ମବେଶୀ ଗୌତମ ଋଷି ସାଜି ଋଷିଙ୍କ ଅନୁପସ୍ଥିତିରେ ଅହଲ୍ୟାଙ୍କ ସହ ଶାରୀରିକ ସମ୍ପୋଗ କରି ଋଷି ଗୌତମଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ଦେବରାଜ ଇନ୍ଦ୍ରଙ୍କ ସମଗ୍ର ଶରୀର ସହସ୍ର ଚୋକିରେ ଭରିଯାଇଥିଲା ଓ ଅହଲ୍ୟା ପଥର ପାଲଟି ଯାଇଥିଲେ। ବିନା ଦୋଷରେ ଦଣ୍ଡିତ ହୋଇଥିବାରୁ ମହର୍ଷି ଗୌତମ ଅହଲ୍ୟାଙ୍କୁ କହିଥିଲେ "ଯେତେବେଳେ ଶ୍ରୀରାମ ଅବତାରରେ ଏ ଆଶ୍ରମରେ ପଦାର୍ପଣ କରିବେ ତାଙ୍କ ପାଦଧୂଳି ପଥର ଉପରେ ପଡ଼ିଲେ ତୁମେ ପୁନର୍ବାର ଆନିନ୍ଦ୍ୟ ସୁନ୍ଦରୀ ଅହଲ୍ୟା ପାଲଟିଯିବ"। ନାଉରୀ କହିଲା "ଯଦି ପ୍ରଭୁ ଶ୍ରୀରାମଙ୍କ ପଦଧୂଳି ସ୍ପର୍ଶରେ ପଥର ନାରୀ ପାଲଟି ଯାଇଛି ତେବେ ସେହି ଧୂଳି ସ୍ପର୍ଶରେ ମୋ ନୌକା ବି ନାୟିକା ପାଲଟି ଗଲେ ମୋ ସଂସାର ଭାସିଯିବ ପ୍ରଭୁ। ସେଥିପାଇଁ ଆପଣଙ୍କ ପଦଯୁଗଳ ଧୋଇ ସମସ୍ତ ପଦଧୂଳି ଅପସାରଣ କରି ଆପଣଙ୍କୁ ନୌକାରେ ବସାଇଥିଲି"। ଏ କଳିଯୁଗରେ କିନ୍ତୁ ବିନା ପ୍ରଭୁ ଶ୍ରୀରାମଙ୍କ ଚରଣ ଧୂଳି ସ୍ପର୍ଶରେ ନୌକା ନାୟିକା ପଦବାଚ୍ୟ ଏଥିପାଇଁ ଅନାବୃ , ଅନାବିଳ, ବୃଷାୟରୀ ନୌକା ନାଉରୀ ପ୍ରେମିକା। ଯାତ୍ରା ଶେଷରେ ରାଜା ରାତ୍ରିର ଚଳ୍ୟାସ୍ଥା ବିଧୌତ ଝଲ୍ସା ଜଳ ରାଶିର ନଈକୂଳରେ ଖୁ ିବନ୍ଧା ଜୀବନ ଚାର। ପ୍ରତୀକ୍ଷା ପ୍ରେମିକ ନାଉରୀ ପାଇଁ। ଏମିତି କାଳକାଳକୁ ଯାତ୍ରା ଶେଷରେ କୂଳରେ ବନ୍ଧା ହୋଇ ନାୟିକା ସାଜି ରହିଥାଏ ନାଉରୀ ପାଇଁ। ଦୀର୍ଘପଥର କଳାଯାତ୍ରାରେ ନୌକା ଘରଣୀ ସାଜି ଜାଳ, ଅଜାଳ, ସବୁକାଳ ନାଉରୀକୁ ରକ୍ଷା କରେ। ତା ଭଲ ମନ୍ଦରେ ସାହା ହୁଏ। ଯାତ୍ରା ଶେଷରେ ଲ୍ଲାନ୍ତ ନାଉରୀ ନୌକା ଦେହରେ ତା ଦେହ ମେଣେଇ ଦେଲେ ମୃଦୁ ମଳ୍ଲ ବୁହାଇ ନୌକା ନାଉରୀର ଲ୍ଲାନ୍ତି ଉପଶମ କରେ। ଦାନ, ପ୍ରତିଦାନର ଏ ଦିଆନିଆ, ନାୟିକା ସାଜି ନୌକା ନାଉରୀ ପାଇଁ ଯୁଗଯୁଗକୁ ସାଜତି ରଖିଥାଏ। ନାଉରୀ ନୌକାଙ୍କ ଏ ସାନ୍ନିଧ୍ୟ ପ୍ରୀତି ସମ୍ମାଷଣର ଏକ ଜ୍ୱଳନ୍ତ ନିଦର୍ଶନ। ଦାନ ପ୍ରତିଦାନର ଏ ବୁଝିସାରେ ନାଉରୀ ବି ଖୁଦ୍ ସ୍ୱେହ ଆଦରରେ ନୌକାର ଯତ୍ନ ନିଏ। ଅହୋରାତ୍ର ଅହରହ ପାଣି ପବନ ଖାଇ ବେରଙ୍ଗି ନୌକା ବିଗତ ଯୌବନା ସାଜି କ୍ଷତବିକ୍ଷତ ହେଲେ ତୁରନ୍ତ ଏହାର ଉପଯୁକ୍ତ କରି ନୂଆରଙ୍ଗ ମାଖିଦିଏ। ନାଉରୀ, ନୌକାଙ୍କ ସମ୍ପର୍କ କୌଣସି ପ୍ରେମିକ, ପ୍ରେମିକାଙ୍କ ପ୍ରେମ କାହାଣୀ ଠୁ କମ୍ ନୁହେଁ। ଭାରତୀୟ ସାହିତ୍ୟ ଏପରିଜି ବିଶ୍ୱ ସାହିତ୍ୟରେ ମଧ୍ୟ ନୌକାକୁ ନାୟିକାର ମାନ୍ୟତା ଦିଆଯାଇଛି। ମହର୍ଷି ବାଲ୍ମିକୀ ରାମାୟଣରେ ନୌକାକୁ ନାୟିକା ଭାବେ ବର୍ଣ୍ଣନା କରାଯାଇଛି। ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଖ୍ୟାତ କବି ସରୋଜିନୀ ନାଇଡୁଙ୍କ ଙ୍ଗରାଜୀ କବିତା "ଇଜମଣ୍ଡଲ ଫିସରସ୍"ରେ ନୌକାକୁ ନାୟିକାର ଆଖ୍ୟା ଦିଆଯାଇ ସମୁଦ୍ରକୁଳ ମା' ଓ ସମୁଦ୍ର ଉପର ବାଦଲକୁ ଭାଇ ଭାବେ ବର୍ଣ୍ଣନା କରାଯାଇଛି। ଅନ୍ୟ ଏକ ଭାରତୀୟ, ଶଶିବେଶପାଣ୍ଡେ ନୌକାକୁ ନାରୀର ମାନ୍ୟତା ଦେଇଥିଲା ବେଳେ ବିଶ୍ୱପ୍ରସିଦ୍ଧ ଆବିଷ୍କାରକ କ୍ରିଷ୍ଟୋଫର୍ କଲମ୍ବସ୍ ତାଙ୍କ ଆବିଷ୍କାରୀ ଜାହାଜର ନାଁ "ସା ।ମାରିଆ" ରଖିଥିଲେ ଯାହାକି ଇଙ୍ଗ୍ରିଜ୍ ମ୍ୟାରୀରୁ ଉଦ୍ଭବ।

ସୁତରାଂ ଯଥାର୍ଥରେ କହିପାରିବା ନୌକା ହିଁ ନାଉରୀର ନାୟିକା।

ଜନକବତ, ଷାଶ୍ୱତ ଶାଶ୍ୱତ ବିହାର
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ମୋ : ୯୪୩୭୧୩୩୫୩୭

ଅପାତ୍ରରେ ଦାନ

ଟ୍ରମ୍ପ ସ୍ପଷ୍ଟ କରିସାରିଛନ୍ତି ଯେ ସାଂପ୍ରତିକ ସ୍ଥିତିରେ ଶାସନ ପରିଚାଳନା କରିବା ସକାଶେ ଭେନେଜୁଏଲାରେ ଉଭୟ ସମର୍ଥନ ଓ ସମ୍ମାନ ପାଇବାରେ ମାତାବୋ ସକ୍ଷମ ହୋଇ ନାହାନ୍ତି, ଅର୍ଥାତ୍ ତାଙ୍କ ପାଖି ଆସିନାହିଁ। କିନ୍ତୁ ବାସ୍ତବତାଟି ହେଲା ଦୁଇ କ୍ଷୁଧାର୍ତ୍ତଙ୍କ ମିଳନ ଘଟିଛି; ଏବଂ ଏ କ୍ଷେତ୍ରରେ ଯଦି ପରସ୍ପରକୁ ବୃଦ୍ଧି କରିବାର ଦାୟବୋଧ ସୃଷ୍ଟି ହୁଏ, ତେବେ ନୋବେଲ ପଦକ ଅର୍ପଣ କରିବାର ପ୍ରତିବଦଳରେ ଭେନେଜୁଏଲାର ଶାସନ କ୍ଷମତାକୁ ମାତାବୋଙ୍କ ଆଡ଼ିରେ ପରଷି ଦିଆଯାଇପାରେ ! "ଜିସ ପୁଣି ଦେଖା ନ ଯାଏ ଜିଭ ଥିଲେ ଏ ମହାରେ !" ଭଳି ବହୁଳ ବ୍ୟବହୃତ ବିପ୍ଳୟମୂଚକ ବାକ୍ୟଟି ଗଲା ଶୁକ୍ରବାର ଦିନ ସହସା ପ୍ରମାଣିତ ହୋଇଗଲା, ଯେତେବେଳେ ଦେଖିବାକୁ ମିଳିଲା ଯେ ୨୦୨୫ ମସିହା ଲାଗି ଶାନ୍ତି ସକାଶେ ନୋବେଲ ସମ୍ମାନର ଅଧିକାରିଣୀ ମାରିଆ କୁରିନୋ ମାତାବୋ ଏହି ଅନବଦ୍ୟ ଶ୍ୱାକୃତିର ସନ୍ତକ ସ୍ୱରୂପ ମାତ୍ର ମାସକ ତଳେ ଲାଭ କରିଥିବା ଦୁଷ୍ଟ୍ୟାପ୍ୟ ସୁବର୍ଣ୍ଣ ପଦକଟିକୁ ସହର୍ଷ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହାତରେ, କୃତଜ୍ଞତାର ନିଦର୍ଶନ ସ୍ୱରୂପ, ଅର୍ପଣ କରିଛନ୍ତି। ଗଲା ଅକ୍ଟୋବର ମାସରେ ଏହି ସମ୍ମାନ ଲାଗି ମାରିଆଙ୍କ ନାମ ଘୋଷିତ ହେବା ପରେପରେ ଏହି ସମ୍ବାଦପତ୍ରରେ ପ୍ରକାଶିତ ସଂପାଦକୀୟ 'ନୋବେଲ ଚରିତ୍ର'ରେ ଏକ ସନ୍ଦେହାର ଦୃଷ୍ଟିକୋଣ ରଖି କୁହାଯାଇଥିଲା କିଭଳି ଏହି ଅତୁଳ୍ୟ ସମ୍ମାନକୁ ବାରମ୍ବାର 'ଅପାତ୍ର'ରେ ଦାନ କରାଯାଇ ଆସୁଥିବାରୁ ଏହାକୁ କୌଣସିମତେ ହାସଲ କରାଯାଇପାରିବ ବୋଲି ଟ୍ରମ୍ପଙ୍କ ଭଳି ଜଣେ ଶକ୍ତିଶାଳୀର ମଧ୍ୟ ବିଶ୍ୱାସ ଜନ୍ମିଥିଲା; ଯେଉଁ କାରଣରୁ ଏହା ପାଇବାର ବାଟରେ ତାଙ୍କ ଠାରୁ ଆହ୍ୱାନ୍ତ ଓ ଧମକଚମକର ସୁଅ ଛୁଟିଥିଲା। ତେବେ, ପରିଶେଷରେ ପୁରସ୍କାରଟି ତାଙ୍କୁ ନ ମିଳି ମାତାବୋଙ୍କୁ ମିଳିବା ଯଦିଓ ଅଶେଷ ସାନ୍ତ୍ୱନାପ୍ରଦ ଥିଲା, ଖୁବ୍ ? ଶାନ୍ତ, ନିଭୃ, ପ୍ରତୀତ ହୋଇଥିଲା ଯେ ମାତାବୋ ମଧ୍ୟ ହୁଏତ ଜଣେ ଅପାତ୍ର; ଯଦିଓ ପୁରସ୍କାର ଚୟନ କମିଟିର ବର୍ଣ୍ଣନା ଅନୁସାରେ ଭେନେଜୁଏଲାର ଏକଛତ୍ରବାଦୀ ଶାସକ ନିକୋଲାସ ମାଦୁରୋଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ମାତାବୋ ହେଉଛନ୍ତି ଅବମାନୀୟ ସାହସର ପ୍ରତୀକ। ଏଭଳି ସ୍ଥଳେ ମାତାବୋଙ୍କ ସଦ୍ୟତମ କାର୍ଯ୍ୟ ପରିପ୍ରେକ୍ଷୀରେ ଏକ ମୂଲ୍ୟାୟନ କରାଯାଇପାରେ। ଆମେରିକାର ରାଷ୍ଟ୍ରପତି ନିବାସ ହ୍ୱାଇଟ ହାଉସରେ ପହଞ୍ଚି ନୋବେଲ ପଦକଟିକୁ ଟ୍ରମ୍ପଙ୍କୁ ପ୍ରଦାନ କରିବା ପଛରେ ମାତାବୋଙ୍କ ପ୍ରଦନ କାରଣଟି ହେଉଛି ଭେନେଜୁଏଲାର ସ୍ୱାଧୀନତା ଏବଂ ସେଠାରେ ଗଣତନ୍ତ୍ରର ପ୍ରତିଷ୍ଠାରେ ଟ୍ରମ୍ପଙ୍କ ଅତୁଳନୀୟ ଅବଦାନ। ଏହା ବର୍ଜମାନ ସୁବିଦିତ ଜିଭଳି ଟ୍ରମ୍ପ ଏକ ଅର୍ଡର ଆକ୍ରମଣ ଓ ଉଲ୍ଲପାତ ଘଟାଇ ଭେନେଜୁଏଲାର ରାଦିନସାନ ରାଷ୍ଟ୍ରପତି ନିକୋଲସ ମାଦୁରୋଙ୍କୁ ସସ୍ତୀକ ଅପହରଣ କରି ଆମେରିକାରେ ବନ୍ଦୀ କରି ରଖିଛନ୍ତି। ଏଙ୍କ ଏହି ସଂଦର୍ଭରେ ବକ୍ତବ୍ୟ ପ୍ରଦାନ କାଳରେ ଟ୍ରମ୍ପ ତାଙ୍କ ଅବୋଲକରା କିହ୍ନା ଂଟାଳନ କରି ସମସ୍ତଙ୍କୁ ଅପ୍ରତିଭ କଳା ଭଳି ଏହା ମଧ୍ୟ ପ୍ରକାଶ କରିସାରିଛନ୍ତି ଯେ ଗଣତନ୍ତ୍ରର ପ୍ରତିଷ୍ଠା ହୁଏହିଁ; ଭେନେଜୁଏଲା ଆକ୍ରମଣ ପଛରେ ରହିଥିବା ଉଦ୍ଦେଶ୍ୟଟି ସଂପୂର୍ଣ୍ଣ ବୈଷୟିକ ଅର୍ଥାତ୍ 'ଲାଭ ଅର୍ଜନର ଲୋଭ'; ଯେଉଁ ବକ୍ତବ୍ୟଟୁ ମାର୍କନୀୟ କରିବା ଲାଗି ଟ୍ରମ୍ପଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ପରିଶ୍ରମ ମଧ୍ୟ କରିବାକୁ ପଡ଼ିଛି। ଅବଶ୍ୟ, ଏହା ପ୍ରଥମରୁ ସ୍ପଷ୍ଟ ଯେ ଭେନେଜୁଏଲାର ଅପରିମେୟ ଖଣଜ ତୈଳ ଏବଂ ବିଦୁଳ 'ଟ୍ରିଟିକାଲ ମିନେରାଲସ୍' ଭଣ୍ଡାରରୁ ନିୟନ୍ତ୍ରଣକୁ ଆଣି, ତାହାକୁ ଶୁଦ୍ଧ କରି, ତା' ବିନିମୟରେ ଶକ୍ତି କ୍ଷେତ୍ରରେ ଏକାଧିପତ୍ୟ ବିସ୍ତାର କରିବା ହେଉଛି ଟ୍ରମ୍ପଙ୍କ ଏକ ମାତ୍ର ଲକ୍ଷ୍ୟ। ତେଣୁ ନିରୋଜରସ ମାଦୁରୋଙ୍କୁ ଗାରିତ୍ୟୁତ କରିବା ପରେ ଗଣତନ୍ତ୍ର ପ୍ରତିଷ୍ଠାର ସାମାନ୍ୟତମ ସଂଙ୍କେତ ମଧ୍ୟ ମିଳିନାହିଁ, ମାଦୁରୋଙ୍କ ନିର୍ଦ୍ଦେଶରେ ଦୀର୍ଘକାଳୀନ କାରାବାସ ଭୋଗୁଥିବା ରାଜନୈତିକ ବନ୍ଦୀମାନଙ୍କ ମୁକ୍ତି ବିଗରେ କୌଣସି ଉଦ୍ୟମ ହୋଇନାହିଁ। ସଂପ୍ରତି ଆମେରିକାର ସଂଗଠିତ

ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ଆରମ୍ଭ

ସମ୍ବଲପୁର, ୨୦/୧(ନି/ପ୍ର): ରବିବାର ଠାରୁ ତୃତୀୟ ସମ୍ବଲପୁରୀ ଧନୁଯାତ୍ରା ମହାସମାରୋହରେ ଶୁଭାରମ୍ଭ ହୋଇଛି । ଏହି ଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ଥାନୀୟ ଗଙ୍ଗାଧର ମଣ୍ଡପ ମଧ୍ୟରା ନଗରୀ ଓ ତାଙ୍ଗଁପୁର ଗ୍ରାମ ଗୋପପୁର ରୂପରେ ମଂଚସ୍ଥ ହୋଇଛି । ଧନୁଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ତୃଡାନ୍ତ ହୋଇଛି । ଯାତ୍ରାରେ ସମ୍ବଲପୁର ସହର ଓ ତାଙ୍ଗଁପୁର ମଧ୍ୟରେ ଥିବା ମହାନଦୀରେ ଯମୁନା ଦୃଶ୍ୟ ଅଙ୍କିନୀତ ହୋଇଛି ବୋଲି ଧନୁଯାତ୍ରା ଆୟୋଜକ କମିଟି ସଭାପତି ପଞ୍ଚାୟ କୁମାର ବାବୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଯାତ୍ରାର ଏହି ୫ ଦିନ ଧରି ତାଙ୍ଗଁପୁରରେ କୃଷ୍ଣ ଲୀଳା ଅନୁଷ୍ଠିତ ହେବ । ଦିନରେ ଜଂସ ଦରବାରରେ ବିଭିନ୍ନ କଳାକାର ଓ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟ ପରିବେଷଣ କରାଯିବ । ଗୋପପୁରରେ ଭଜନ ସମାରୋହ, ପାଲା, ସଂକୀର୍ତନ ଆଦି ଅନୁଷ୍ଠିତ ହେବ । ଚଳିତବର୍ଷ ବଳରାମ ଭୂମିକାରେ ଜଣେ ନୂତନ ବାଳକ କଳାକାର ଅଭିନୟ କରିବେ । ୪ ଦିନ ଧରି ଜଂସ ମହାରାଜ ସହରର ବିଭିନ୍ନ ରାସ୍ତାରେ ପାଟ ମନ୍ତ୍ରୀଙ୍କ ସହିତ ନଗର ଭ୍ରମଣ ବିଶେଷ ଆକର୍ଷଣ ରହିବ । ରବିବାର ଦିନ ୧୦ ଟାରେ ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ମା' ସମଲେଶ୍ୱରୀ ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ । ଯାତ୍ରାର ଭିନ୍ନ ଭିନ୍ନ ବିବରଣରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ଜିଲା ପ୍ରଶାସନର ଅଧିକାରୀଙ୍କ ସମ୍ପାଦକ ଗୁଣଗାନ ସାଲିମା ରହିଥିଲେ । ଜସପଭାପତି ରାମଦାସ ପଣ୍ଡା ଧନ୍ୟବାଦ ଦେଇଥିଲେ । ଧନୁଯାତ୍ରା ସହ ମାନାବଳାର ୨୬ ତାରିଖ ପର୍ଯ୍ୟନ୍ତ ଗଙ୍ଗାଧର ମଣ୍ଡପରେ ଚାଲିବ ବୋଲି ଆୟୋଜକ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଗୋପପୁର କମିଟି ସଭାପତି ଆଦିତ୍ୟ ନାୟକ, ନିର୍ଦ୍ଦେଶକ ବଦଲୁ ବାର ଓ ପ୍ରଶାନ୍ତ ମହାରଣା, କୋଷାଧକ୍ଷ ନିଶିକାନ୍ତ ବିଶ୍ୱାଳ, ଜଂସ ଅଭିନେତା ପଣ୍ଡୀନ୍ଦ୍ର ପଣ୍ଡା, ସାଂସ୍କୃତିକ ସମ୍ପାଦକ କୃଷ୍ଣତନ୍ଦ୍ର ବାଗ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା ଓ ଦୈତନ୍ୟ ନାୟକ, ଉପସଭାପତି ଶଙ୍କର ବେହେରା, ସହସମ୍ପାଦିକା ଲିଳିମା ମଲ୍ଲିକ, ସହ ସାଂସ୍କୃତିକ ସମ୍ପାଦକ ଲଳିତ ବେବର୍ତା, ସ୍ୱାଧୀନ ପଣ୍ଡା, ରାହୁଲ ସୁପ୍ତା, ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାରେ ୧୬ତମ ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୨୦/୧(ନି/ପ୍ର): ଆସନ୍ତା ଜାନୁଆରୀ ୨୫ ତାରିଖରେ ୧୬ତମ ଜାତୀୟ ଭୋଟର ଦିବସ ପାଳନ କରିବାକୁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ, ଅତିରିକ୍ତ ଜିଲ୍ଲାପାଳ ତ୍ରୁଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଓ ସ୍ୱତଶ୍ରୀୟ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯିବା ସହ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଗ୍ରହଣ କରାଯାଉଥିବା ନିଷ୍ପତ୍ତି ଅନୁଯାୟୀ, ଜାନୁଆରୀ ୨୫ ତାରିଖ ସକାଳେ ସହରର ପୁରୁଣା ବସ୍ ଷ୍ଟାଣ୍ଡରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (କଲେକ୍ଟୋରେଟ୍) ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ବା 'ଓ୍ୱାକାଥନ୍' ଆୟୋଜନ କରାଯିବ । ଏହି ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୩୦୦ ରୁ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଜନସାଧାରଣଙ୍କୁ ମତଦାନର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବେ । ପଦଯାତ୍ରା ସହିତ ଭୋଟର ସଚେତନତା ବୃଦ୍ଧି ପାଇଁ ରଙ୍ଗୋଲି, ପାଲା ଏବଂ ଲଘୁ ନାଟକ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଜାତୀୟ ଭୋଟର ଦିବସ ଅବସରରେ ସୁବପିଢ଼ିଙ୍କୁ ସାମିଲ କରିବା ପାଇଁ ବିଭିନ୍ନ କଲେଜ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଛି । ଏହି କ୍ରମରେ, ଝାରସୁଗୁଡ଼ାର ଏଲ.ଏନ କଲେଜକୁ 'ମୋ ଭାରତ ମୋର ଭୋଟ' ବିଷୟବସ୍ତୁ ଉପରେ କୁଇଜ୍, ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ଆୟୋଜନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ପ୍ରତ୍ୟେକ ପ୍ରତିଯୋଗିତାର କୃତୀ ଶ୍ରେଷ୍ଠ ତିନି ଜଣ ଅଂଶଗ୍ରହଣକାରୀଙ୍କୁ ଜାନୁଆରୀ ୨୫ ତାରିଖ ଜିଲ୍ଲା ସ୍ତରୀୟ ସମାରୋହରେ ସମ୍ମାନିତ କରାଯିବ । ଉକ୍ତ ପ୍ରସ୍ତୁତି ବୈଠକରେ ୦୬-ତ୍ରୁଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ, ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ସତ୍ୟସାରୀ ପଣ୍ଡା ଏବଂ ଝାରସୁଗୁଡ଼ା ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ଉପସ୍ଥିତ ଥିଲେ । ଏଥିସହ ଜିଲ୍ଲାର ସମସ୍ତ କନିଷ୍ଠ ଓ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇ ଆଗାମୀ ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ନିଜ ନିଜର ସହଯୋଗ ପ୍ରଦାନ କରିଥିଲେ ।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟରେ କ୍ରିଷ୍ଣା ବିକାଶ ଏକାଦଶ ବିଜୟୀ

ସମ୍ବଲପୁର, ୨୦/୧(ନି/ପ୍ର): ସ୍ଥାନୀୟ ଫୋର-ସି ଗ୍ରାଉଣ୍ଡ ଠାରେ ନୂତନ ବର୍ଷ ଅବସରରେ ବନ୍ଧୁ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରେ କ୍ରିଷ୍ଣା ବିକାଶ ଏକାଦଶ ଦଳ ବିଜୟ ଲାଭ କରିଛି । ପ୍ରଥମେ କ୍ରିଷ୍ଣା ବିକାଶ ଦଳ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୨ ଓଭରରେ ୫ଉଇକେଟ ବିନିମୟରେ କ୍ରିଷ୍ଣା ବିକାଶ ଦଳ ୧୩୩ ରନ ସଂଗ୍ରହ କରିଥିଲା । ଡାକ୍ତର ଲୋକେଶ ୩୬ରନ ଓ ଡାକ୍ତର ବିବେକ ୩୪ ରନ ସଂଗ୍ରହ କରି ଆଉଟ ହୋଇଥିଲେ । ପ୍ରେସ ଏକାଦଶ ପକ୍ଷରୁ ସମୀର ଷଡ଼ଙ୍ଗୀ, ବାଦଶାହ କୁସମନ ରାଣା, ଗୁଣମଣୀ ବିଶ୍ୱାଳ, ଚୈତନ୍ୟ ନାୟକ, ସୁବ୍ରତ ମିଶ୍ର ଗୋଟିଏ ଲେଖାଏଁ ୱିକେଟ ଅଭିଆର କରିଥିଲେ । ଅପରପକ୍ଷରେ ପ୍ରେସ ଏକାଦଶ ୧୩୪ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିଲା । ପ୍ରେସ ଏକାଦଶ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ମାତ୍ର ୧୦୫ ରନ ସଂଗ୍ରହ କରି ପାରିଥିଲା । ଦଳ ପକ୍ଷରୁ ସୁବ୍ରତ ମିଶ୍ର ୩୦, ମାନସ ସାହୁ ୧୫,ଗୁଣମଣୀ ବିଶ୍ୱାଳ ଅପରାଜିତ ୧୬ ରନ ଓ ସତ୍ୟଜିତ ମହାପାତ୍ର ଅପରାଜିତ ୧୩ ରନ ସଂଗ୍ରହ କରିଥିଲେ ଶ କ୍ରିଷ୍ଣା ବିକାଶ ଦଳ ପକ୍ଷରୁ ହିମାଂଶୁ ଓ ତପନ ୨ଟି ଲେଖାଏଁ ଉଇକେଟ ଓ ତ୍ରିନାଥ ଓ ବିଜୟ ୧ଟି ଲେଖାଏଁ ଉଇକେଟ ନିଆଯାଇଥିଲା । ନିର୍ଦ୍ଧାରିତ ୧୨ ଓଭରରେ ୫ଉଇକେଟ ବିନିମୟରେ କ୍ରିଷ୍ଣା ବିକାଶ ଦଳ ୧୩୩ ରନ ସଂଗ୍ରହ କରିଥିଲା । ଡାକ୍ତର ବିବେକ ୩୪ ରନ ସଂଗ୍ରହ କରି ଆଉଟ ହୋଇଥିଲେ । ପ୍ରେସ ଏକାଦଶ ପକ୍ଷରୁ ସମୀର ଷଡ଼ଙ୍ଗୀ, ବାଦଶାହ କୁସମନ ରାଣା, ଗୁଣମଣୀ ବିଶ୍ୱାଳ, ଚୈତନ୍ୟ ନାୟକ, ସୁବ୍ରତ ମିଶ୍ର ଗୋଟିଏ ଲେଖାଏଁ ଉଇକେଟ ଅଭିଆର କରିଥିଲେ । ଅପରପକ୍ଷରେ ପ୍ରେସ ଏକାଦଶ ୧୩୪ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିଲା । ପ୍ରେସ ଏକାଦଶ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ମାତ୍ର ୧୦୫ ରନ ସଂଗ୍ରହ କରି ପାରିଥିଲା । ଦଳ ପକ୍ଷରୁ ସୁବ୍ରତ ମିଶ୍ର ୩୦, ମାନସ ସାହୁ ୧୫,ଗୁଣମଣୀ ବିଶ୍ୱାଳ ଅପରାଜିତ ୧୬ ରନ ଓ ସତ୍ୟଜିତ ମହାପାତ୍ର ଅପରାଜିତ ୧୩ ରନ ସଂଗ୍ରହ କରିଥିଲେ ଶ କ୍ରିଷ୍ଣା ବିକାଶ ଦଳ ପକ୍ଷରୁ ହିମାଂଶୁ ଓ ତପନ ୨ଟି ଲେଖାଏଁ ଉଇକେଟ ଓ ତ୍ରିନାଥ ଓ ବିଜୟ ୧ଟି ଲେଖାଏଁ ଉଇକେଟ ନିଆଯାଇଥିଲା । ଉଦଯାପନୀ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସୁସ୍ଥ ଜୀବନରେ ଖେଳର ବିଶେଷ ମହତ୍ୱ ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ । ଡା. ବିଜ୍ଞୀପ କୁମାର ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ ।

ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ବାର୍ଷିକ ପାଠଚକ୍ର

ଉତ୍ତ୍ରକ,୨୦/୧(ନି/ପ୍ର): ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଉତ୍ତ୍ରକ ଆଗରପଡା ପରିସରରେ ୨ ଦିନିଆ ଜିଲ୍ଲା ସ୍ତରୀୟ ବାର୍ଷିକ ପାଠଚକ୍ର ଉଦଯାପିତ ହୋଇଯାଇଛି । ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. ଜାର୍ଦ୍ଦକେଶ୍ୱର ରାଉତ ସଭାକୁ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଆଗରପଡା ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ବଡ଼ ପାତ୍ର ଯୋଗଦେଇ ଜୀବନ ହେଉଛି ସଂଘର୍ଷ, ସଂଘର୍ଷରୁ ଶିକ୍ଷା ପ୍ରାପ୍ତି ହୋଇଥିବା ବେଳେ ଏହି ଶିକ୍ଷା ଶ୍ରେଣୀ ଗୁରୁତ୍ୱ ସମିତି ନହୋଇ ଖେଳ, ମୋବାଇଲ୍, ଟି.ଭି.ଆଦି ମାଧ୍ୟମରେ ପ୍ରାପ୍ତ ହେଉଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଫକୀର ମୋହନ କିଶୁବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ.ରଞ୍ଜନ କୁମାର ରାଉତ ତାଙ୍କ ବକ୍ତବ୍ୟରେ ଶିକ୍ଷା ସ୍ଥିରିକୃତ ନୁହେଁ ,ପ୍ରତି ଅଭିଜ୍ଞତାରୁ ଶିକ୍ଷା ମିଳିଥାଏ ବୋଲି କହିବା ସହ ପ୍ରତ୍ୟେକ ସଂସ୍କୃତିର ନିଜସ୍ୱ ଜ୍ଞାନ କୌଶଳ ରହିଛି, ଭାରତୀୟ ସଂସ୍କୃତି ଜାତିକି ଖାଇବା ନୁହେଁ ବରଂ ବାଂଟିକି ଖାଇବା । ଶିକ୍ଷଣ ପ୍ରକ୍ରିୟାରେ କୌଣସି ସାଲିସ୍ ନକରି ବରଂ ଶିକ୍ଷାକୁ ବିଭିନ୍ନ ପଦ୍ଧତି ଓ ଜ୍ଞାନ କୌଶଳ ମାଧ୍ୟମରେ ପ୍ରଦାନ କଲେ ଶିକ୍ଷାର ଗୁଣାତ୍ମକ ମୂଲ୍ୟ ବୃଦ୍ଧି ହେବା ସହ ପ୍ରତିଟି ଘଟଣା ଦୁର୍ଘଟଣା ଆମକୁ କ୍ଷମତାପନ୍ନ କରାଇ ଶିକ୍ଷା ଦେଇଥାଏ ବୋଲି କହିଥିଲେ । ସମ୍ମାନିତବକ୍ତା ଶିକ୍ଷା-ଗବେଷକ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର ନିଜ ବକ୍ତବ୍ୟରେ ଶିକ୍ଷଣ ଓ ଶିକ୍ଷାର କେନ୍ଦ୍ର ବିନ୍ଦୁ ହେଉଛନ୍ତି ଅନୁଷ୍ଠାନର ଛାତ୍ରଛାତ୍ରୀ,ତେଣୁ ଛୋଟ ଛୋଟ ଲୁଲକୁ ଖୁଧାରିଲେ ଶିକ୍ଷାର ମାନବୃଦ୍ଧି ହୋଇଥାଏ ମତପ୍ରକାଶ କରିଥିଲେ । ନୂଆଦିଲ୍ଲୀର କୁମାଲ୍ ପବ୍ଲିକେସନର ମୁଖ୍ୟ ପୁରୋଧା ପ୍ରେମଙ୍ଗି ବିଷ୍ଟ, ଉତ୍ତ୍ରକ ବୁଲକ ବରିଷ୍ଠ ଶିକ୍ଷାଧିକାରୀ ଚନ୍ଦ୍ରଧର ମଲ୍ଲିକ୍ ଶିକ୍ଷା ଚିନ୍ତନ ଶିକ୍ଷାର ଶେଷ ନାହିଁ। ମୂଲ୍ୟ ପର୍ଯ୍ୟନ୍ତ ଶିଖିବାକୁ ହୁଏ । ଶିକ୍ଷା କେବେ ବୃଦ୍ଧିକୃତ ନୁହେଁ ଶିକ୍ଷା ବ୍ୟବସ୍ଥାରେ ଉଭୟ ଶିକ୍ଷକ ଓ ଛାତ୍ର ପ୍ରତି ସମୟରେ ଦୋହଲିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ବନ୍ଦ ବୁଲକ ଶିକ୍ଷାଧକାରିଣୀ ଡକ୍ଟର ସୁକୀର୍ତ୍ତି କର ଆମ୍ଭ ଅନୁଶୀଳନ କରିବା ସହ ନୂତନ ପଦ୍ଧତିକୁ ଆପଣାଇ ଶିକ୍ଷାର ମାନକୁ ବୃଦ୍ଧି କରିବା ଆବଶ୍ୟକ ବୋଲି କହିଥିଲେ । ସହ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ବାସୁଦେବପୁର ବୁଲକ ସହ ଶିକ୍ଷାଧିକାରିଣୀ ଉର୍ମିଳା ଜର, ଚାନ୍ଦବାଳି ବୁଲକ ସହ ଶିକ୍ଷାଧିକାରିଣୀ ଅନିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଠଚକ୍ରର ମୁଖ୍ୟ ବିଷୟ ବସ୍ତୁ "ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପ୍ରକ୍ରିୟାରେ ରୂପାନ୍ତର ଆଣିବା ପାଇଁ ଅଭିନବ ଶିକ୍ଷାଦାନ ପଦ୍ଧତି" ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ପାଠଚକ୍ରର ସଂଯୋଜକ ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ଓ ସହ ସଂଯୋଜକ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋହାୟତ ସଭାକୁ ସଂଯୋଜନା କରିଥିଲେ । ପ୍ରାରମ୍ଭିକ ଉଦ୍‌ଘାଟନ ଅବସରରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡକ୍ଟର ପ୍ରଦୀପ କୁମାର ନାୟକ ବେବପାଠ କରିଥିଲେ । ଅନୁଷ୍ଠାନର ଗୁରୁଛାତ୍ରୀ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ ଓ ଉତ୍ତ୍ରକ ବୁଲକ ଥୋରଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଉତ୍କଳୀୟ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା । ପାଠଚକ୍ରରେ ଉତ୍ତ୍ରକ ଜିଲ୍ଲାରୁ ୫୦ ରୁ ଊର୍ଦ୍ଧ ଶିକ୍ଷକ- ଶିକ୍ଷୟିତ୍ରୀ ଓ ଗୁରୁଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କ୍ରିୟାତ୍ମକ ଗବେଷଣା ସମ୍ବନ୍ଧିତ ପାଠ କରିଥିଲେ । ଅନୁଷ୍ଠାନର ସମସ୍ତ ବରିଷ୍ଠ ପ୍ରଶିକ୍ଷକ ପ୍ରଶିକ୍ଷକା ଭବାନୀ ଶଙ୍କର ଦାସ, ବିଜୟିନୀ ମହାପାତ୍ର, ରେଖା ମିଶ୍ର, ବିଜୟିନୀ ସ୍ୱାଇଁ, ତ୍ରିଲୋଚନ ମହାଳିକ, ଜିତଣ କୁମାର ପ୍ରଧାନ, ମଧୁସ୍ମିତା ତ୍ରିପାଠୀ,ପବିତ୍ରୀ ବେହେରା, ବୃପ୍ତିମୟୀ ମିଶ୍ର, ରାଜୀବ କୁମାର କୁମାର ରାୟଗୁରୁ, ନାରାୟଣ ପ୍ରସାଦ ନାୟକ, ପ୍ରତାପ କୁମାର ପଣ୍ଡା, ଗଣେଶ ପ୍ରସାଦ ପାଣି, ମାନସ କୁମାର ସାହୁ ତଥା ପ୍ରତିଷ୍ଠାନର ସମସ୍ତ ଗୁରୁଛାତ୍ରଛାତ୍ରୀ ପ୍ରମୁଖ ପାଠଚକ୍ର ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଗବେଷଣାମୂଳକ ୩ ଗୋଟି ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡକ୍ଟର ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଉମରକୋଟରେ ଅତିରିକ୍ତ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର

ନବରଙ୍ଗପୁର,୨୦/୧(ନି/ପ୍ର): ଉମରକୋଟ ପୌରପାଳିକା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ କର୍ମନ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସଦାସ୍ତ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ ପୂର୍ବକ ବିଦ୍ୟାଙ୍କ ମାନଙ୍କୁ ଉତ୍ସାହିତ କରିବା ସହ ୫ ଜଣ ବିଦ୍ୟାଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ ଓ କୃତ୍ରିମ ଅଙ୍ଗ ମାପ ପାଇଁ ଅପେକ୍ଷାରତ ବିଦ୍ୟାଙ୍କ ମାନଙ୍କ ସହ ସମୟ ଅତିବାହିତ କରିଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଚିଂ ନାରାୟଣ ଦରଖ୍ୟାନ,ବି ଡି ଓ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନିତ ବିଦ୍ୟାଙ୍କ ମାନଙ୍କୁ ୦୫ଟି ହୁଇଲ ଚେୟାର, ୯ ଜଣ ଅଙ୍ଗହୀନ ବିଦ୍ୟାଙ୍କ ଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା ।ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୨୬ ଜଣ ରୋଗୀଙ୍କୁ ଉନ୍ନମ ଶାରୀରିକ ସ୍ଥିତିର ଆଲୋଚନା କରିଥିଲେ ।ଆଗାମୀ ଦିନରେ ଏମାନଙ୍କୁ କିପରି ଧାମନଗରରେ ସୁଦକ ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନିତ ବିଦ୍ୟାଙ୍କ ମାନଙ୍କୁ ୦୫ଟି ହୁଇଲ ଚେୟାର, ୯ ଜଣ ଅଙ୍ଗହୀନ ବିଦ୍ୟାଙ୍କ ଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା ।ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୨୬ ଜଣ ରୋଗୀଙ୍କୁ ଉନ୍ନମ ଶାରୀରିକ ସ୍ଥିତିର ଆଲୋଚନା କରିଥିଲେ ।ଆଗାମୀ ଦିନରେ ଏମାନଙ୍କୁ କିପରି ଧାମନଗରରେ ସୁଦକ ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା । ସାମା

ଦେଶବ୍ୟାପୀ ସିଆଇଟିୟୁ ଓ କୃଷକ ସଭା ପକ୍ଷରୁ ଶ୍ରମିକ- କୃଷକ ସଂହତି ଦିବସରେ ବିକ୍ଷୋଭ

ରାଉରକେଲା,୨୦/୧ (ନି/ପ୍ର): ୧୯୮୨ ମସିହା ଜାନୁଆରୀ ୧୯ ତାରିଖ ଦେଶରେ ପ୍ରଥମ ଦେଶବ୍ୟାପୀ ସାଧାରଣ ଧର୍ମଘଟ ସଂଗଠିତ ହୋଇଥିଲା । ସେହି ଧର୍ମଘଟ ପାଳନ ସମୟରେ ପୋଲିସ ଗୁଳିରେ ୧୨ ଜଣ ଶ୍ରମିକ,କୃଷକ ଓ କ୍ଷେତ ମଜଦୁର ପ୍ରାଣ ହରାଇଥିଲେ । ଏହି ଦିବସକୁ ପ୍ରତିବର୍ଷ ଶ୍ରମିକ -କୃଷକ ଏକତା ବା ସଂହତି ଦିବସ ଭାବେ ସି ଆଇ ଟି ୟୁ,କୃଷକ ସଭା ଓ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଦେଶବ୍ୟାପୀ ପାଳନ କରାଯାଉଥିଲା ବେଳେ ଆଜି ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ ଅଫିସ ସମ୍ମୁଖରୁ ଶ୍ରମିକ -କୃଷକ- କ୍ଷେତ ମଜଦୁର ମାନଙ୍କ ଏକ ପଦୁଆର ଚାହାରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସି ଆଇ ଟି ୟୁ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ରେ ସି ଆଇ ଟି ୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଶ୍ୱ ମହାନ୍ତି ବକ୍ତବ୍ୟ ରଖି କହିଥିଲେ ଯେ ସର୍ବଦା ଶାସକ ଶ୍ରେଣୀ ଦେଶର ପୁଞ୍ଜିପତି ଓ କର୍ପୋରେଟ ସଂସ୍ଥା ମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଦେଶର ଶ୍ରମିକ,କୃଷକ ମାନଙ୍କ ଉପରେ ଆକ୍ରମଣ କରି ଚାଲିଛନ୍ତି । ଆଜି ର ସରକାର ମଧ୍ୟ ଦେଶର ଶ୍ରମିକ ଓ କୃଷକ ମାନଙ୍କ ବିରୋଧରେ ଆକ୍ରମଣ କୁ ପୂର୍ବ ସମସ୍ତ ସରକାର ଙ୍କ ଅପେକ୍ଷା ତୀବ୍ର କରିଛନ୍ତି । ଶ୍ରମିକ ମାନଙ୍କ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ରଦ କରି କୋର୍ଡ ଲାଗୁ କରିଛନ୍ତି ଯାହା ଫଳରେ ଶ୍ରମିକ ମାନଙ୍କୁ ମାଲିକ ମାନଙ୍କ ପାଖରେ ଗୋଲାମୀ ମଧ୍ୟକୁ ଠେଲି ଦେଇଛି । ଏହି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଫେବୃଆରୀ ୧୨ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ ର ଡାକରା ଦେଇଛନ୍ତି ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ର କର୍ମଚାରୀ ଫେଡେରେସନ । ଏହାକୁ ସଫଳ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ସଭା ରାଜ୍ୟ ଉପ ସଭାପତି ସୁରେନ୍ଦ୍ର ବାଣ,ସି ଆଇ ଟି ୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସଂପାଦକ ବସନ୍ତ ନାୟକ,ଶ୍ରୀମନ୍ତ ବେହେରା,ବି ପି ମହାପାତ୍ର,ହୃଦୟାନନ୍ଦ ଯାଦବ,ରାଜ କିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଶତୁଜଳା ମହାଜୁଡ଼, ଅଜିତ ଏକ୍କା, ଉପେନ୍ଦ୍ର ତ୍ରିପାଠୀ,ବୁଧନୀ ମୁଣ୍ଡାରୀ,ଶାନ୍ତି ମିଞ୍ଜ, ଉପେନ୍ଦ୍ର ତ୍ରିପାଠୀ,ଅରୁଣ ଦାସ,ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ,ବିନୟ ବେହୁଲିଆ, ଅରୁଣ ମହାଣଣା,ବିନୟ ସ୍ୱାଇଁ,ସମିତ ସ୍ୱାଇଁ, ମନୋଜ ପଟ୍ଟନାୟକ, ମିହିର ପାତ୍ର, ଅନିରୁଦ୍ଧ ଜେନା,ବଛିରାମ ବେହେରା ସମେତ ବହୁ ନେତୃତ୍ୱ ସାମିଲ ହୋଇଥିଲେ ।

ଟ୍ରାକ୍ଟର ଚାପାରେ ୨ ବର୍ଷ ଶିଶୁର ମୃତ୍ୟୁକୁ ନେଇ ଉତେଜନା

ସୁନ୍ଦରଗଡ,୨୦/୧(ନି/ପ୍ର): ସୁନ୍ଦରଗଡ ଟାଉନ୍ ଥାନା ପଂଚମୁଖୀ ହନୁମାନ ମନ୍ଦିର ନିକଟସ୍ଥ କୁନାଲ ଟ୍ରାନ୍ସପୋର୍ଟ ଅଫିସ ସମ୍ମୁଖରେ ଘଟିଛି ଏକ ଅଭାବନୀୟ ଦୁର୍ଘଟଣା । ସୁନ୍ଦରଗଡ ମ୍ୟୁନିସିପାଲଟିର ସଫେଇ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର ଟ୍ରଲି ମାଡି ଯିବାରୁ ଜଣେ ୨ ବର୍ଷ ଶିଶୁର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ନିଜ ବାପାଙ୍କ ସହିତ ୨ ବର୍ଷର ଶିଶୁ ଟ୍ୟୁଟରରେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍ ସହିତ ଧକ୍କା ହେବାରୁ ଭାରସାମ୍ୟ ହରାଇ ଶିଶୁଟି ଟ୍ୟୁଟରରୁ ତଳକୁ ପଡିଯାଇଥିଲା । ସେହି ସମୟରେ ପଛ ପଟୁ ଆସୁଥିବା ପୌରପାଳିକାର ସଫେଇ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର ଟ୍ରଲିଟିଶିଶୁଉପରେ ଚଢିଯାଇଥିଲା । ଶିଶୁଟୁଆହତହୁଅନ୍ତାରେ ଜେଡିଜାଲୁନିଆଯାଇଥିଲା ।କିନ୍ତୁତତ୍ତାର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ପରେ ସେଠାରେ ଉତେଜନା ପ୍ରକାଶ ପାଇଥିଲା । ଏହି ଟ୍ରାକ୍ଟରକୁ ପୌର ପାଳିକାର ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଜଣା ପଡିଛି । ଟ୍ରାକ୍ଟରର ଚାଳକ ମଦ ପିଇ ଥିବା ବେଳେ ଗାଡ଼ିର ବୀମା ନଥିବା ଜଣାପଡିଛି । ପୋଲିସ୍ ଘଟଣାର ତଦନ୍ତ କରୁଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୨୦/୧(ନି/ପ୍ର): ମାଥିଲି ବ୍ଲକ୍ କର୍ଚନପାଲୀ ଗ୍ରାମଂପାୟତ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣ୍ଜି ରଞ୍ଜନ ସେନାପତିଙ୍କ ଉପସ୍ଥିତିରେ ୯୮ଟି ଅଭିଯୋଗର ଶୁଣାଣୀ ହୋଇଛି ।

ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୨୦/୧(ନି/ପ୍ର): ହେମଗିର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁବଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୫୫ ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୪ ଗୋଟି ଅଭିଯୋଗ ଗୁଡ଼ିକର ତତ୍ କ୍ଷଣାତ ସମାଧାନ କରାଯାଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଅନୁଯନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁବଞ୍ଜନ ସାହୁ, ଏସ ଡି ପି ଓ ଶ୍ରୀ ନିର୍ମଳ କୁମାର ମହାପାତ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

ରାଉରକେଲାରେ ବିଜେପିର ବିକଶିତ ଭାରତ (ଭିବି) ଜୀ ରାମ ଜୀ କର୍ମଶାଳା

ରାଉରକେଲା,୨୦/୧(ନି. ପ୍ର) : ଗାନ୍ଧୀଜୀଙ୍କ ସମ୍ପୂର୍ଣ୍ଣ ଗ୍ରାମ୍ୟ ସ୍ୱରାଜ ପରିକଳ୍ପନାକୁ ସାକାର କରିବାରେ ବିଫଳ ହୋଇଥିଲା ମନେରଗା ଓ ତଳସ୍ତର ଠାରୁ ଉପରସ୍ତର ପର୍ଯ୍ୟନ୍ତ ପ୍ରାଶାସନିକ ବ୍ୟବସ୍ଥାରେ ଅତ୍ୟନ୍ତ ଦୁର୍ନୀତି ହେଉଥିଲା । ଶ୍ରମିକ ଙ୍କୁ୧୨୫ ଦିନର ରୋଜଗାର ଲକ୍ଷ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାସ ହୋଇ ଆଇନ ର ପ୍ରଣୟନ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇ ପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ । କେବଳ ତାଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ । ବିରୋଧୀ ଦଳଗୁଡିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି । ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ସେମାନେ ଦର୍ଶାଉଛନ୍ତି । କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଆଜି ରାଉରକେଲା ସେକ୍ଟର -୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣ ଠାରେ ବିଜେପି ଜିଲ୍ଲା ସଭାପତି ଶ୍ରୀମତୀ ପୂର୍ଣ୍ଣିମା କେରକେଟ୍ଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ପ୍ରଭାରୀ ବଟ କିଶୋର ମିଶ୍ର ତାଙ୍କ ପ୍ରଶିକ୍ଷଣ ବକ୍ତବ୍ୟରେ କହିଛନ୍ତି । ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଆରମ୍ଭ କରାଯାଇଥିଲା ଓ ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରା ଯାଉଥିଲା । ୨୦୦୯ ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)ରେ ନାମିତ କରାଯାଇଥିଲା । ମାତ୍ର ଏହାର ମୌଳିକ ଢାଚାଂରେ କୌଣସି ପରିବର୍ତ୍ତନ କରାଯାଇନଥିଲା । ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏହାକୁ କରିଥିଲେ । ଏଥିରେ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା । ମଜୁରୀ ପ୍ରଦାନରେ ବ୍ୟାପକ ଅନିୟମିତା ଦେଖୁଥିବାକୁ ମିଳିଥିଲା । ୟୁପିଏ ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା । ବିହାରରେ ୬ ହଜାର କୋଟି ଓ ଉତ୍ତରପ୍ରଦେଶରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ଓଡିଶା ମଧ୍ୟ ଏଥିରୁ ବାଦ ପଡି ନ ଥିଲା । ୨୦୧୨ ମସିହାରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାଳବୃଦ୍ଧ ଭରା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରୀ ଟଙ୍କା ଉଠାଇଥିଲା । ମାଷ୍ଟର ରୋଲରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା । ଜିଛି ରାସ୍ତା କାମ ଆରମ୍ଭ କରାନଯାଇ ଅର୍ଥ ହଡପ କରାଯାଇଥିଲା । ଟେକ୍ନୋଲୋଜି ବ୍ୟବହାର କରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ କ୍ରୂପାୟନ ପାଇଁ ଯଶସ୍ୱୀ, ପ୍ରଧାନମନ୍ତ୍ରୀ ମୋଦିଜୀ "ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି । ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଜୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଦେଶର ଗ୍ରାମାଂଚଳକୁ ବିକଶିତ ଆଡକୁ କିପରି ଅଗ୍ରସର ହେବ ସେ ନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି । କର୍ମନିଯୁକ୍ତିର ଅବଧି କୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି । କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ । ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି । ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ । ଏହି କର୍ମଶାଳାରେ ଜିଲ୍ଲା ସଭାପତିଙ୍କ ସହ ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାଳୁକ ଓ ରକ୍ଷିତ ନାୟକ, ଜିଲ୍ଲା ଉପସଭାପତି ଅମରେନ୍ଦ୍ର ନାଥ ଶର୍ମା , ପବିତ୍ରୀ ବାଶ ଓ ମନୋଜ କୁମାର ସେନାପତି, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ବିରାଟ, ପ୍ରଣବାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା ,ବରିଷ୍ଠ ସଦସ୍ୟ ସରୋଜ ଦାସ, ଅନିଲ କୁମାର ମାହାନ୍ତ, ସମସ୍ତ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ, ମଣ୍ଡଳ ଟୋଳି ର ସମସ୍ତ ସଦସ୍ୟ ଗଣ ଉପସ୍ଥିତ ଥିଲେ ।ଆଗାମୀ ଦିନରେ ଏହି ଯୋଜନା ଗ୍ରାମାଂଚଳକୁ ବିକଶିତ ଆଡକୁ ନିପରି ଅଗ୍ରସର ହେବ ସେ ନେଇ ଚୂଡନ ଯୋଜନାରେ ବ୍ୟବସ୍ଥା କରାଯାଇଛି । କର୍ମନିଯୁକ୍ତିର ଅବଧି କୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି । ଉପସ୍ଥିତ ଥିଲେ ।

ଆଦର୍ଶ ପାଠାଗାର ପାଇଁ ଏକ ହେଲେ ସାହିତ୍ୟିକ, ସାଂସ୍କୃତିକ, ସାମାଜିକ, ଶ୍ରମିକ ସଂଗଠନ ଓ ରାଜନୈତିକ ଦଳ

ରାଉରକେଲା,୨୦/୧(ନି/ପ୍ର): ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥା କହୁଥିବାବେଳେ, ରାଉରକେଲା ଇସ୍ପାତ କାରଖାନା (ସେଲ)ଓଡ଼ିଆ ଅସ୍ମିତାକୁ ପଦାଘାତ କରି ଦୀର୍ଘ ୬୭ ବର୍ଷର ଅନୁଷ୍ଠାନ ଆଦର୍ଶ ପାଠାଗାର ତଥା ଭଞ୍ଜଭବନ କୁ ଜୋର କବଜାବସ୍ତ ନିଜ ଅଭିଆରକୁ ନେଇ ତାଲା ପକାଇଦେଇଛି । ୧୯୫୮ ମସିହାରେ ଭାଷା, ସାହିତ୍ୟ, ସଂସ୍କୃତି ପାଇଁ ପ୍ରତିଷ୍ଠିତ ହୋଇଥିବା ଆଦର୍ଶ ପାଠାଗାରକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାଶ ୧୯୬୪ ମସିହାରେ ବିନା ମୂଲ୍ୟରେ ୩ ଏକର ୧୯ ଡିସିମିଲ ଜମି ୩୦ ବର୍ଷ ପାଇଁ ଲିଜ୍ ରେ ଦେଇଥିଲେ । ଯାହାର ଅବଧି ୦୬/୦୧/ ୨୦୦୪ ମସିହା ପର୍ଯ୍ୟନ୍ତ ଥିଲା । ଏହି ଅନୁଷ୍ଠାନ ନିଜର ସାମାଜିକ, ସାହିତ୍ୟ ତଥା ସଂସ୍କୃତି ର ପ୍ରତିବଦ୍ଧତା ପାଇଁ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଓଡ଼ିଶାରେ ସାହିତ୍ୟ, ଅଭିନୟ,କଳା ସଂସ୍କୃତିର ପ୍ରତିଭା ମାନଙ୍କୁ ବିଭିନ୍ନ ଅବସରରେ ସମ୍ମାନିତ କରିଛି । ସୂଚନାଯୋଗ୍ୟ ଯେ ଏଠାରେ ଥିବା ଭଞ୍ଜ ପ୍ରକଳ୍ପ ନିର୍ମାଣ ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ, ରାଉରକେଲାର ସମସ୍ତ ଓଡ଼ିଆ ପ୍ରେମୀ ଜନସାଧାରଣ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବିଜୁପ ରାୟ, ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ସୁତ୍ରତ ତରାଇ,ରାଜା ରାମମୋହନ ରାୟ ଫାଉଣ୍ଡେସନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ରାଉରକେଲା ଇସ୍ପାତ କାରଖାନା, ଶିଳ୍ପପତି, ବ୍ୟବସାୟୀ ଏପରିକି ତତ୍କାଳୀନ ଆରଏସପିର ମୁଖ୍ୟ ଦୃଢ଼ ସମର୍ଥନ ମିଶ୍ରଙ୍କ ପ୍ରଚେଷ୍ଟାରେ ସମ୍ପୂର୍ଣ୍ଣ ରୂପ ଲାଭ କରିଥିଲା । ଏହି ପ୍ରକଳ୍ପ ପାଇଁ ୧୯୮୨ ମସିହାରେ ଆଦର୍ଶ ପାଠାଗାର ଏକ ଦୃଷ୍ଟ ଯାହା ଭଞ୍ଜ ସାଂସ୍କୃତିକ ନ୍ୟାସ ନାମରେ ଗଠନ କରି ଏହାର ନିର୍ମାଣ ଦାୟିତ୍ୱ ଅର୍ପଣ କରିଥିଲା । ଆଦର୍ଶ ପାଠାଗାର ବିଭିନ୍ନ ସମୟରେ ପୁସ୍ତକମେଳା, କୁମାର ପୂର୍ଣ୍ଣିମା,ରଜ ମହୋତ୍ସବ, ମାସିକ ସାହିତ୍ୟ ଆସର,ପଣା ସଂକ୍ରାନ୍ତି, ବିଭିନ୍ନ ମହାପୁରୁଷଙ୍କ ଜୟନ୍ତୀ, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବୌଦ୍ଧିକତା ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଅଛି । ଯାହା ଓଡିଆ ମାନଙ୍କ ପାଇଁ ଗର୍ବ ଗୌରବ ର ବିଷୟ ଅଟେ । ଆଦର୍ଶ ପାଠାଗାରକୁ ପ୍ରଦତ୍ତ ଭଲ ଜମିରେ ସବୃଶ ଭଞ୍ଜ ପ୍ରେକ୍ଷାଳୟ, ଭଞ୍ଜ ସାଂସ୍କୃତିକ ନ୍ୟାସ, ଭଞ୍ଜ କଳା କେନ୍ଦ୍ର, ଆଦର୍ଶ ପାଠାଗାର ଓ ୪୫ ହଜାର ପୁସ୍ତକ ସମ୍ବଳିତ ବିଶାଳ ଲାଇବ୍ରେରୀ ତଥା ଆଦର୍ଶ ସାହିତ୍ୟ ଘର ତିଆରି କରାଯାଇ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କରିଆସୁଅଛି । ଏଠାରେ ଉପଲବ୍ଧ ପ୍ରେକ୍ଷାଳୟ, ସାହିତ୍ୟ ଘର ଆଦିକୁ ଇସ୍ପାତ କାରଖାନା, ରାଜ୍ୟ ସରକାର ତଥା ବିଭିନ୍ନ ଅନୁଷ୍ଠାନକୁ ବିନା ମୂଲ୍ୟରେ/ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରାଯାଇଅଛି । ଏପରିକି ମହାମାରୀ କରୋନା ସମୟରେ ରାଉରକେଲା ଜନସାଧାରଣଙ୍କ ସେବାରେ ବିନା ମୂଲ୍ୟରେ ଉପଲବ୍ଧ କରାଯାଇଥିଲା । ପ୍ରସଙ୍ଗତ ଉଲ୍ଲେଖନୀୟ ଯେ ରାଉରକେଲା ଇସ୍ପାତ କାରଖାନାକୁ ପ୍ରଦତ୍ତ ସମସ୍ତ ଜମି ଓଡ଼ିଶା ରାଜ୍ୟ ସରକାରଙ୍କର । ରାଉରକେଲା ଇସ୍ପାତ କାରଖାନା ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଜମି ଲିଜ ରାଜିନାମା ୧୯୯୩ ମସିହାରେ ହୋଇଥିଲା । ସେହି ରାଜିନାମା ର ୭ ନମ୍ବର ଅନୁଚ୍ଛେଦ ଅନୁଯାୟୀ ରାଉରକେଲା ଇସ୍ପାତ କାରଖାନା ଏହି ପ୍ରଦତ୍ତ ଜମିକୁ ଓଡିଶା ସରକାରଙ୍କ ସ୍ୱୀକୃତି ବିନା ଅନ୍ୟ କୌଣସି କାମରେ ବ୍ୟବହାର କରିପାରିବେ ନାହିଁ କି କାହାକୁ ଦେଇପାରିବେ ନାହିଁ । ଅନୁଚ୍ଛେଦ ୮ ଅନୁଯାୟୀ ଏହି ସବଲିଜ୍ କମିଟି ଆରଏସପି ର ମୁଖ୍ୟ ଅଧ୍ୟକ୍ଷ ସହ ୩ ଜଣ ବରିଷ୍ଠ ଅଧିକାରୀ ଓ ରାଜ୍ୟ ସରକାରଙ୍କ ୩ଜଣ ପ୍ରତିନିଧି ରହିବେ । ଏହି ସବଲିଜ କମିଟି ଜମି ସଂରକ୍ଷିତ ସମସ୍ତ ପ୍ରଚାରର ଉଦ୍ଦେଶ୍ୟ ତଥା ସର୍ବାବଳୀ ନିର୍ଦ୍ଦିଷ୍ଟ ଭାବେ ଲେଖି ସୁପାରିଶ କରିବେ । ଓଡ଼ିଶା ସରକାର ଏହି ପ୍ରସ୍ତାବ ଗୁଡ଼ିକୁ ମଞ୍ଜୁରି ଦେଇ ପାରନ୍ତି, ଅଗ୍ରାହ୍ୟ କିମ୍ବା ପରିବର୍ତ୍ତନ କରିପାରନ୍ତି । ସେଣୁ ରାଉରକେଲା ଇସ୍ପାତ କାରଖାନାର ଜେଣି ଏଣି ଭୂମିକା ନାହିଁ । ୨୦୦୪ ମସିହାରେ ଆଦର୍ଶ ପାଠାଗାରର ଅନୁରୋଧ କୁ ରକ୍ଷା କରି ଏହି ସବଲିଜ୍ କମିଟି ୨୦୧୦ ମସିହାରେ ଓଡ଼ିଶା ସରକାରଙ୍କୁ , ଆଦର୍ଶ ପାଠାଗାରକୁ ଭଞ୍ଜଭବନ ଓ ଲାଇବ୍ରେରୀ ପାଇଁ ୧ ଟଙ୍କା ମୂଲ୍ୟ ବିନିମୟରେ ୩୩ବର୍ଷ ଅର୍ଥାତ୍ ୨୦୩୩ ମସିହା ପର୍ଯ୍ୟନ୍ତ ଲିଜ୍ ନବୀକରଣ କରିବା ପାଇଁ ସୁପାରିଶ କରିଥିଲେ ।

ଆରଏସପି ଦ୍ୱାରା ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀରେ ୨୬୨ଟି ପୁରସ୍କାର ପ୍ରଦାନ

ରାଉରକେଲା,୨୦/୧(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଉଦ୍ୟାନ କୃଷି ବିଭାଗ ଦ୍ୱାରା ଜାନୁଆରୀ ୧୭ ଏବଂ ୧୮ ତାରିଖରେ